


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୮ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 December 2024

Vol.No. 35 ■ No.345 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ କଲେ ମନମୋହନଙ୍କ ଶେଷ ଦର୍ଶନ: ଆଜି ହେବ ଅନ୍ତିମ ସତ୍କାର

## ପୂରା ଦେଶ ସ୍ତବ୍ଧ, ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା



ନୂଆଦିଲ୍ଲୀ, ୨୭/୧୨ : ଗତକାଲି ଦିଲ୍ଲୀ ଏମ୍ସରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଅନ୍ତିମ ସତ୍କାର ଆସନ୍ତା କାଲି ହେବ । ଗତକାଲି ବିଳମ୍ବିତ ରାତିରେ ସ୍ୱର୍ଗତ ସିଂହଙ୍କ ପାର୍ଥିବ ଶରୀର ତାଙ୍କ ବାସଭବନରେ ପହଞ୍ଚିଥିଲା । ଆଜି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତି । ଆସନ୍ତାକାଲି ଦିଲ୍ଲୀର ଶକ୍ତି ସ୍ଥଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ । ଆଜି ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଜେପି ନଡ୍ଡା, କଂଗ୍ରେସ ନେତା ସୋନିଆ ଗାନ୍ଧି, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ସାଂସଦ ପ୍ରିୟଙ୍କା ଗାନ୍ଧି ପ୍ରମୁଖ ମନମୋହନ ସିଂହଙ୍କ ବାସଭବନରେ ପହଞ୍ଚିଥିଲେ । ସେମାନେ ଏହି ଅମାୟିକ ତଥା ବିଦ୍ୱାନ ଜନପ୍ରିୟ ନେତାଙ୍କ ଅନ୍ତିମ ଦର୍ଶନ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ମନମୋହନଙ୍କ ପରିବାରରେ ପତ୍ନୀ ଓ ୩ ଝିଅ ଅଛନ୍ତି । ତାଙ୍କର ଜଣେ ଝିଅ ଆମେରିକାରେ ରହୁଥିବା ବେଳେ ସେ ଆସନ୍ତାକାଲି ପହଞ୍ଚିଲେ ଅନ୍ତିମ ସତ୍କାର କରାଯିବ ବୋଲି ଜଣାଯାଇଛି । ମନମୋହନଙ୍କ ପରଲୋକରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି । ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ମନମୋହନଙ୍କ ବିୟୋଗରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି ।

▶▶ପୃଷ୍ଠା ୭

# ରାଜ୍ୟରେ ୪୦ ଲକ୍ଷ ଭୂତ ହିତାଧିକାରୀ ଉଠାଉଛନ୍ତି ରାସନ୍



ଭୁବନେଶ୍ୱର, ୨୭/୧୨ : ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ରାସନ୍ କାର୍ଡ । ହେଲେ ନକଲି ମାଳ ମାଲ । ରାଜ୍ୟରେ ଏଯାଏଁ ୪୦ ଲକ୍ଷ ଭୂତ ଓ ନକଲି କାର୍ଡଧାରୀ ସରକାରୀ ଯୋଜନାରୁ ଫାଇଦା ନେଉଛନ୍ତି । ବର୍ଷ ବର୍ଷ ଧରି ସରକାରୀ ରାସନ୍ ଉଠାଉଛନ୍ତି । ହେଲେ ଅସଲ ହିତାଧିକାରୀ ପଞ୍ଚାୟତରୁ ବ୍ଲକକୁ ଧାଇଁ ଧାଇଁ ରାସନ୍ କାର୍ଡ ଖଣ୍ଡେ ପାଉନାହାନ୍ତି । ଫେକ୍ ରାସନ କାର୍ଡକୁ ନେଇ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟରେ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବା ବେଳେ ଗୋଟେ ଗୋଟେ ଜିଲ୍ଲାରେ ଲକ୍ଷେରୁ ଦେଢ ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହୋଇ ସାରିଲେଣି । ଏଯାଏ ସମୁଦାୟ ୪୦ ଲକ୍ଷରୁ ଅଧିକ ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରାଗଲାଣି ।

▶▶ପୃଷ୍ଠା ୭

# ବଢ଼ିଲା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ




ଭୁବନେଶ୍ୱର, ୨୭/୧୨ : ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ବଢ଼ାଇଛନ୍ତି । ତାଙ୍କ କାର୍ଯ୍ୟକାଳକୁ ଆଉ ବର୍ଷେ ବଢ଼ାଇ ଦେଇଛନ୍ତି । ଫଳରେ ୨୦୨୬ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ । ଆସନ୍ତା ୩୧ ତାରିଖରେ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ସରୁଥିଲା । ବିଜେପି ସରକାର ଗଠନ ପରେ ଜୁନ ୩୦ରେ ସରିଥିଲା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ । ଆଉ ସେତେବେଳେ ଡେପୁଟେସନରୁ ଆସି ମୁଖ୍ୟ ସଚିବ ପଦରେ ବସିଥିଲେ ମନୋଜ ଆହୁଜା । ମାତ୍ର ୬ ମାସ ଭିତରେ ନୂଆ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛନ୍ତି ମନୋଜ ଆହୁଜା । ବିଶେଷ କରି ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ଗୁଡ଼ିକୁ ପୂରଣ କରିବାରେ ବଡ଼ ଭୂମିକା ନିଭାଇଛନ୍ତି । ଏ ଭିତରେ ରାଜ୍ୟରେ ପ୍ରଥମ ଥର ନାଭାଲ ଡେ, ଡିଜି ସମ୍ମିଳନୀର ସଫଳ ଆୟୋଜନ ହୋଇଥିବା ବେଳେ ଆଗକୁ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି । ମନୋଜ ଆହୁଜା କେନ୍ଦ୍ରୀୟ ଡେପୁଟେସନରେ ଥିଲେ । ସେ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ସଚିବ ଥିଲେ ।

▶▶ପୃଷ୍ଠା ୭

# ଜଷ୍ଟିସ ବିଶ୍ୱନାଥ ରଥ ଓଡ଼ିଶା 'ଲ' କମିଶନ ଅଧ୍ୟକ୍ଷ

ଭୁବନେଶ୍ୱର, ୨୭/୧୨ : ରାଜ୍ୟ ସରକାର ଆଜି ଓଡ଼ିଶା ଷ୍ଟେଟ୍ ଲ' କମିଶନର ପୁନର୍ଗଠନ କରିଛନ୍ତି । ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ଲ' କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି । ଲ' କମିଶନର ସଦସ୍ୟ ଭାବେ ଦୁଇଜଣ ବରିଷ୍ଠ



ଆଡଭୋକେଟ୍ ସୂର୍ଯ୍ୟପ୍ରକାଶ ମିଶ୍ର ଓ ସୌରଚନ୍ଦ୍ର ମହାପାତ୍ରଙ୍କୁ ସାମିଲ କରାଯାଇଛି । ଆଇନ ବିଭାଗ ପକ୍ଷରୁ ଆଜି ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୨୦୧୬ ମାର୍ଚ୍ଚ ୧୬ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଓଡ଼ିଶା ଷ୍ଟେଟ୍ ଲ' କମିଶନର ପ୍ରାବଧାନ ଆଧାରରେ ଆଜି ଲ' କମିଶନ ଗଠନ କରାଯାଇଛି । କମିଟିର ଅଧ୍ୟକ୍ଷ ଭାବେ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସମେତ ଏକ୍ସ-ଅଫିସୋ ସଦସ୍ୟ ଭାବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର

▶▶ପୃଷ୍ଠା ୭

# ପଶ୍ଚିମା ଝଡ଼ ପ୍ରଭାବ: ଆଜିଠୁ ପୁଣି ଛେଚିବ

ଭୁବନେଶ୍ୱର, ୨୭/୧୨ : ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ ଆସନ୍ତାକାଲିଠୁ ବର୍ଷା ହେବ । ଉତ୍ତର ତଥା ଉତ୍ତର ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ୨ ଦିନ ଧରି ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ସୋଶାଲ ମିଡିଆ ଏକ୍ସରେ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି । ଶ୍ରୀ ଦାଶ ଟ୍ୱିଟ୍ କରି କହିଛନ୍ତି ଯେ, ପଶ୍ଚିମାଝଡ଼ ପ୍ରଭାବରେ ଆସନ୍ତାକାଲିଠୁ ରାଜ୍ୟରେ ବର୍ଷା ହେବ । ୨୮ ଓ ୨୯ ତାରିଖ ୨ ଦିନ ରାଜ୍ୟରେ ବର୍ଷା ହେବ । ବିଶେଷ କରି ଉତ୍ତର ତଥା ଉତ୍ତର ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିଲା । ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିଲା ।

# ଭାରତର ୱାଣ୍ଟେଡ ଆତଙ୍କବାଦୀର ହୃତଘାତରେ ମୃତ୍ୟୁ



ନୂଆଦିଲ୍ଲୀ, ୨୭/୧୨ (ନି.ପ୍ର): ପୁଅ ପରେ ଆତଙ୍କବାଦୀ ବାପାର ମୃତ୍ୟୁ । ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ନିଷିଦ୍ଧ ଜମାତ-ଉଦ-ଦାୱା ସଂଗଠନର ଡେପୁଟି ମୁଖ୍ୟ ହାଫିଜ୍ ସୟିଦଙ୍କ ଭିଣୋଇ ହାଫିଜ୍ ଅବଦୁଲ୍ ରେହମାନ ମକ୍କିର ମୃତ୍ୟୁ । ହୃଦଘାତରେ ଆତଙ୍କବାଦୀ ମକ୍କିର ମୃତ୍ୟୁ ହୋଇଛି । ଜମାତ-ଉଦ-ଦାୱାର ଅନୁଯାୟୀ ଅବଦୁଲ ରେହମାନ ମକ୍କି ଗତ କିଛି ଦିନ ହେବ ଅସୁସ୍ଥ ଥିଲେ ଏବଂ ଲାହୋରର ଏକ ଘରୋଇ ହସ୍ପିଟାଲରେ ଥିଲେ । ଜମାତର ଅଧିକାରୀ କହିଛନ୍ତି ଆଜି ସକାଳେ ମକ୍କିଙ୍କୁ ହୃଦଘାତ ହୋଇଥିଲା ଏବଂ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା । ୨୦୨୩ରେ ମକ୍କିଙ୍କୁ ଜାତିସଂଘ ଆନ୍ତର୍ଜାତିକ ଆତଙ୍କବାଦୀ ଘୋଷଣା କରିଥିଲା, ଯାହା ଅଧୀନରେ ତାଙ୍କ ସମ୍ପତ୍ତି କୁ ଫ୍ରିଜ୍ କରାଯାଇଥିଲା । ମକ୍କି ତାଲିବାନର ଶୀର୍ଷ କମାଣ୍ଡର ମୁଲ୍ଲା ଓମାର ଏବଂ ଅଲକାଏଦାର ଆୟମାନ ଅଲ ଜୱାହିରିଙ୍କ ନିକଟତର ବୋଲି ଅଭିଯୋଗ ହୋଇଛି । ଭାରତ ବିରୋଧରେ ଉତ୍ତେଜନାମୂଳକ

▶▶ପୃଷ୍ଠା ୭









# ଏଆରଆଇଙ୍କୁ ବାନ୍ଧିଲା ଭିଜିଲାନ୍ସ

କୋରାପୁଟ, ୨୭/୧୨ : ଏଆରଆଇଙ୍କୁ ବାନ୍ଧିଲା ଭିଜିଲାନ୍ସ । ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ କୁମୁଲି ସର୍କଲ ଇଜଓ ସୁରେନ୍ଦ୍ର କୁମାର ତନ୍ତିଙ୍କୁ ଗିରଫ କରିଛି ଭିଜିଲାନ୍ସ । ଗତକାଲି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏଆରଆଇ ସୁରେନ୍ଦ୍ର କୁମାରଙ୍କ ଘର ସମେତ ୮ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା । ଚଢ଼ାଉ ବେଳେ ଏଆରଆଇଙ୍କର ୧୭ ପ୍ଲଟ୍ ସହ ଗୋଟିଏ ୩ ତାଲା ବିଲ୍ଡିଂ୮୪ ଲକ୍ଷ ଡିପୋଜିଟ୍ ଓ ୧୫୦ ଗ୍ରାମ ସୁନା ଭିଜିଲାନ୍ସ ଜବତ କରିଥିଲା । ଏଥିସହ ଇଜଓଙ୍କ ଘରୁ ୧ ଲକ୍ଷ ୫୫ ହଜାର ନଗଦ ଟଙ୍କା ଓ ୩ଟି ୪ ଚକିଆ ଯାନ ଭିଜିଲାନ୍ସ ଜବତ କରିଥିଲା । ଇଜଓ ଠୁଳ କରିଥିବା ସମ୍ପତ୍ତି ବାବଦରେ ଭିଜିଲାନ୍ସ ତାଙ୍କୁ ପଚରାଉଚରା କରିଥିଲେ । ହେଲେ ସେ ସମସ୍ତ ସମ୍ପତ୍ତି ବିଷୟରେ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ । ଭିଜିଲାନ୍ସ ଆଜି ତାଙ୍କୁ ଗିରଫ କରିଛି ।

# ସେଲ ରାଉରକେଲା ଇସ୍ପାତ କାରଖାନାର ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନରେ ନବୀକୃତ କଲରାପତ୍ରିଆ ବାଘ ଖୁଆଡ ଉଦ୍‌ଘାଟିତ



ରାଉରକେଲା, ୨୭/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନରେ ନବୀକୃତ କଲରାପତ୍ରିଆ ବାଘ ଖୁଆଡକୁ ଡିସେମ୍ବର ୨୬ ତାରିଖରେ ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଅତନୁ ଭୌମିକ ଉଦଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ପ୍ରତାପ କୁମାର ସ୍ୱାଇଁ, ବହୁ ସିଜିଏମ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ଭୌମିକ ଆଇଜି ପାର୍କରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ଭୌମିକ କହିଥିଲେ ଯେ, "ମୁଁ ପିଲାଦିନରୁ ଆଇଜି ପାର୍କକୁ ଆସୁଛି। ତେଣୁ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଶେଷତଃ ପିଲାମାନଙ୍କ ପାଇଁ ଉପଭୋଗ୍ୟ କରିବା ନିମନ୍ତେ ଏହାର ଅଧିକ ଉନ୍ନତି କରିବା ମୋର ଇଚ୍ଛା ରହିଥିଲା।" ଏହି ଅବସରରେ ଡ଼ିଆଇସି ଉଭୟ ବାଘଙ୍କ ଯତ୍ନ ନେବାରେ ବିଶେଷ ଅବଦାନ ଦେଉଥିବା ଠିକା କର୍ମଚାରୀ ଶ୍ରୀ ସୁରେଶ ଓରାମଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଉଲ୍ଲେଖନୀୟ ଯେ, ଏହି ନବୀକୃତ କଲରାପତ୍ରିଆ ବାଘ ଖୁଆଡ ଦୁଇ ନୂଆ ବାସିନ୍ଦା, ଏକ ପୁରୁଷ ଏବଂ ଏକ ମହିଳା ବାଘଙ୍କ ବାସସ୍ଥାନ ହୋଇଛି। ଏହି ଆକର୍ଷଣୀୟ ବାଘଙ୍କୁ ନିକଟରେ କେନ୍ଦ୍ରୀୟ ପ୍ରାଣୀ ଉଦ୍ୟାନ ପ୍ରାଧିକରଣ ଅନୁମୋଦିତ ବିନିମୟ କାର୍ଯ୍ୟକ୍ରମ ଅଧୀନରେ ମହାରାଷ୍ଟ୍ରର ପୁଣେର ରାଜୀବ ଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ସ୍ଥାନାନ୍ତର କରାଯାଇଥିଲା। କଲରାପତ୍ରିଆ ବାଘ ଦ୍ୱୟଙ୍କ ସଙ୍ଗରୋଧ ଅବଧି ଶେଷ ହେବା ସହିତ ସମ୍ପ୍ରତି ସେମାନଙ୍କୁ ସର୍ବସାଧାରଣ ଦେଖିପାରିବେ। ଏହା ପାର୍କକୁ ପରିଦର୍ଶକଙ୍କୁ ଅଧିକ ସଂଖ୍ୟାରେ ଆକର୍ଷିତ କରିବ। ସୂଚନାଯୋଗ୍ୟ ଯେ, ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କ ସକ୍ରିୟ ମାର୍ଗଦର୍ଶନରେ ଇସ୍ପାତ ସହର ବାସିନ୍ଦାଙ୍କ ଜୀବନଧାରଣ ମାନରେ ଉନ୍ନତି ସାଧନ ଏବଂ ଅଧିକ ମନୋରଞ୍ଜନ ସୁଯୋଗ ଯୋଗାଇବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଇନ୍ଦିରା ଗାନ୍ଧୀ ପାର୍କରେ ମ୍ୟୁଜିକାଲ ଫାଉଣ୍ଟେନର ନବୀକରଣ ଓ ମନୋରମ ଲେଜର ଶୋ'ର ଶୁଭାରମ୍ଭ ପରେ ଏହି ନୂତନ ପ୍ରୟାସ ଏହା ଏହି ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।

କଲରାପତ୍ରିଆ ବାଘ ବଦଳରେ ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନ ଗୋଟିଏ ଅଣ୍ଡିରା ଏବଂ ତିନିଟି ମାଈ ଚାରି ଶିଙ୍ଗ ବିଶିଷ୍ଟ ସ୍ୱତନ୍ତ୍ର ପ୍ରଜାତିର ମୃଗ ବିନିମୟ କରିଛି । ଓଡିଶାର ଦ୍ୱିତୀୟ ବୃହତ୍ତମ ପ୍ରାଣୀ ଉଦ୍ୟାନ ଭାବରେ ସ୍ୱୀକୃତ ଇନ୍ଦିରା ଗାନ୍ଧୀ ଉଦ୍ୟାନ ପ୍ରାଣୀ ଉଦ୍ୟାନରେ ୨୫୧ ଟି ପ୍ରାଣୀ ଏବଂ ପକ୍ଷୀ ଅଛନ୍ତି, ଯାହା ମଧ୍ୟରେ ନିକଟରେ ଅଣାଯାଇଥିବା ଦୁଇଟି ଆକର୍ଷକ ଭାଲୁ ଏବଂ ଏକ ନବଜାତ ନୀଳଗାଈ ଅନ୍ତର୍ଭୁକ୍ତ ରହିଛି । ଏହାର ସଫଳ ପ୍ରଜନନ କାର୍ଯ୍ୟକ୍ରମ ପାଇଁ ଜଣାଶୁଣା, ପ୍ରାଣୀ ଉଦ୍ୟାନ ଏହାର ଜୈବବିବିଧତାକୁ ସମୃଦ୍ଧ କରିବା ଏବଂ ପରିଦର୍ଶକମାନଙ୍କ ପାଇଁ ନୂତନ ଆକର୍ଷଣ ଯୋଗାଇବା ପାଇଁ ପ୍ରାଣୀ ବିନିମୟରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛି।

ଉଦ୍ୟାନ କୃଷି ବିଭାଗର ଡ଼ିଜିଏମ ତଥା ପ୍ରାଣୀଉଦ୍ୟାନ ବିକାଶ କାର୍ଯ୍ୟକ୍ରମ ଇନ ଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜୁ ଜନତା ଦଳର ୨୮ ତମ ପ୍ରତିଷ୍ଠା ଦିବସ ପାଳନ ପାଳିତ

ମାଲକାନଗିରି, ୨୭/୧୨ (ନି.ପ୍ର): ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ରାଜ୍ୟସ୍ତରରେ ଏବଂ ପ୍ରତ୍ୟେକ ଜିଲ୍ଲା ଓ ସମସ୍ତ ନିର୍ବାଚନ ମଣ୍ଡଳୀ ସ୍ତରରେ ବହୁ ଆଡ଼ମ୍ବର ସହ ପାଳନ କରୁଥିବାବେଳେ ଆଜି ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ମଧ୍ୟ ବହୁ ଆଡ଼ମ୍ବରରେ ବିଜୁ ଜନତା ଦଳର ୨୮ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଆଜି ସକାଳ ୧୦ ଘଟିକା ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଲାଠିଆଗୁଡ଼ା ସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଠାରେ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏଥିରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀ ମୁଖ୍ୟ ଅତିଥି ଭାବରେ ଯୋଗ ବିଜୁ ଜନତା ଦଳର ୨୮ବର୍ଷର ଯାତ୍ରା ଉପରେ ବିଶେଷ ଭାବେ ଆଲୋକପାତ କରିଥିବାବେଳେ ସଭାରେ ଉପସ୍ଥିତ ଅନ୍ୟ ବରିଷ୍ଠ ବିଜେଡି କର୍ମକର୍ତାମାନେ ମଧ୍ୟ ଆଲୋକପାତ କରିଥିଲେ। ବିଜୁବାବୁଙ୍କ ନୀତି, ଆଦର୍ଶ ଏବଂ ପ୍ରଦର୍ଶିତ ପଥରେ ଗଢ଼ା ହୋଇଥିବା ବିଜେଡି, ଆଜି ନବୀନ ବାବୁଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାର ସୁରକ୍ଷା କବଚ ରୂପେ ଛିଡ଼ା ହୋଇଛି। ଯିଏ ଏ ଉତ୍କଳ ମାଟିର ଗୌରବକୁ ବିଶ୍ୱଦରବାରରେ ପରିଚିତ କରିପାରିଛି। ବିରୋଧୀଙ୍କ ସମାଲୋଚନାର ରଣଭୂମିରେ ବିଜୟ ରୂପକ ପ୍ରଗତିର ଶଙ୍ଖସ୍ୱର ବଜାଇ ସଫଳତା ହାସଲ କରିଛି ବିଜୁ ଜନତା ଦଳ। ବିଜେଡି ସୁପ୍ରିମୋ ଶ୍ରୀ ନବୀନ ପଟ୍ଟନାୟକଙ୍କ ରୂପାନ୍ତରଣ ମନ୍ତ୍ର ବଦଳାଇଛି ସବୁ ବର୍ଗର ଲୋକଙ୍କ ଜୀବନ। ଏହି ଧାରା ଆହୁରି ଦୃଢ଼ ହେଉଛି, ଓଡ଼ିଶାର ହକ୍ ପାଇଁ ବିଜୁ ଜନତା ଦଳ ଲଢୁଛି। ସଙ୍କଳ୍ପ ନେଇଛୁ ଓଡ଼ିଶାବାସୀଙ୍କ ସେବାର, ସଙ୍କଳ୍ପ ନେଇଛୁ ଓଡ଼ିଶାର ହକ୍ ପାଇଁ ଲଢ଼ିବାର। ପ୍ରତିଟି କର୍ମୀଙ୍କ ନିଷ୍ଠା ଓ ପ୍ରତିବଦ୍ଧତାରେ ବିଜୁ ଜନତା ଦଳ ଆହୁରି ବଳିଷ୍ଠ ହେଉଛି। ଏ ମାଟିର ସମ୍ମାନ, ଏ ଜାତିର ସ୍ୱାଭିମାନ, ପ୍ରତି ଓଡ଼ିଆଙ୍କ ଅଭିମାନ ବିଜୁ ଜନତା ଦଳ। ୨୮ତମ ପ୍ରତିଷ୍ଠା ଦିବସରେ ସମସ୍ତେ ସଙ୍କଳ୍ପବଦ୍ଧ ହେବା, ଓଡ଼ିଶାବାସୀଙ୍କ ସ୍ୱର ସାଜି ଶ୍ରେଷ୍ଠ ଆଂଚଳିକ ଦଳ ଭାବେ ବିଜୁ ଜନତା ଦଳର ଗୌରବକୁ ଆହୁରି ବଢ଼ାଇବା। କଥା ନୁହେଁ କାମରେ କରି ଦେଖାଇଛୁ, ସଭିଙ୍କୁ ସାଥିରେ ନେଇ ଆଗକୁ ବଢୁଛୁ। ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସରେ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳ କୃଷ୍ଣ ପଣ୍ଡା, ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ପଡ଼ିଆ ବ୍ଲକ ଅଧ୍ୟକ୍ଷା ଯମୁନା ମୁଚାକି, ପୌର ଉପାଧ୍ୟକ୍ଷା କବିତା ମହନ୍ତ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ଜିଲ୍ଲା ପରିଷଦ ସଭ୍ୟ ମୁକା ମାଡ଼କାମୀ, ଜିଲ୍ଲା ଛାତ୍ର ସଭାପତି ତାପଶ ନାୟକ, ବରିଷ୍ଠ ବିଜେଡି ନେତା ପ୍ରଫୁଲ ପଣ୍ଡା, ବରିଷ୍ଠ ଆଇନଜୀବୀ ଲମ୍ବଧର ତୁରୁକ, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ଯୁବ ଉପ ସଭାପତି କଂଟେସ ପୋଟଲା , ପୌରାଂଚଳ ସଭାପତି ପି.ସାଇ, ପଡ଼ିଆ ବ୍ଲକ ସଭାପତି ଏମ୍‌ଡି ଫାରୁକ, ବିଜେଡି ମହିଳା ନେତ୍ରୀ ପ୍ରସାନ୍ତିଲତା ବିଶୋଇ, ବରିଷ୍ଠ ନେତା ଘନଶ୍ୟାମ ମାଡକାମୀ, ସି.ଏଚ୍. ରାବିଟ, ବିଜେଡି ନେତା ସର୍ବ ବିଶୋଇ, ବିକାଶ ମଣ୍ଡଳ, ସରପଂଚ ଘାସି ନାୟକ ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ସମସ୍ତ ସକ୍ରିୟ କର୍ମକର୍ତା ଉପସ୍ଥିତ ଥିଲେ !

# ଭୈରବୀ ମନ୍ଦିରରେ ଚୋରି

ଜୟପୁର, ୨୭/୧୨ (ନି.ପ୍ର): ବୋରିଗୁମ୍ମାରେ ବେଶ ସକ୍ରିୟ ଚୋରି ଦଳ। ଘର, ମିଲ ପରେ ଏବେ ମନ୍ଦିର ମୁହାଁ ହୋଇଛନ୍ତି ଚୋର। ବୋରିଗୁମ୍ମା ର ଆରାଧ୍ୟ ଦେବତା ଭୈରବ ମନ୍ଦିର ରୁ ଭଗବାନଙ୍କ ରୂପାର ତିନିଟି ମୁକୁଟ, ହାର, କବଚ ଚୋରି କରିବା ସହ ଭଗବାନଙ୍କ ଦାନ ହୁଣ୍ଡିକୁ ବି ଛାଡି ନାହାନ୍ତି ଚୋର ଦଳ। ଦାନ ହୁଣ୍ଡି ର ଲକ ଭାଙ୍ଗି ସବୁ ଟଙ୍କା ନେଇ ଯାଇଛନ୍ତି । ଗତ କାଲି ସନ୍ଧ୍ୟା ପର୍ଯ୍ୟନ୍ତ ସବୁ କିଛି ଠିକ ଠାକ ରହିଥିଲା । ଆଜି ସକାଳୁ ମନ୍ଦିରର ମୁଖ୍ୟ ପୂଜକ ପୂଜା କରିବା ପାଇଁ ଆସି ଦେଖିଲେ ମନ୍ଦିରର ସମୁଖର ଦାନ ହୁଣ୍ଡି ଭାଙ୍ଗିଛି । ଭଗବାନଙ୍କ ମୁଖ୍ୟ ଦ୍ୱାରର ଗେଡା କଟା ହୋଇଛି, ଭିତରେ ଭଗବାନଙ୍କ ରୁପା ଅଳଙ୍କାର ବି ଖାଲି ହୋଇଯାଇଛି। ଘଟଣା ସମ୍ପର୍କରେ ମୁଖ୍ୟ ପୂଜକ ମନ୍ଦିର ପରିଚାଳନା କମିଟିଙ୍କୁ ଜଣାଇବା ପରେ କମିଟି ତରଫରୁ ବୋରିଗୁମ୍ମା ଥାନା ରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ପୋଲିସ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମନ୍ଦିରର ପଛ ପଟ ଗେଟର ତାଲା ଭାଙ୍ଗି ଚୋରମାନେ ମନ୍ଦିର ଭିତରେ ପଶି ଚୋରି କରିଛନ୍ତି।

# ଲଟେରୀ ଜରିଆରେ ଆବଂଟିତ ହେଲା ବିଏମସିର କିଓସ୍କ ଓ କ୍ୟାନୋପି

ଭୁବନେଶ୍ୱର , ୨୭/୧୨ (ନି.ପ୍ର): ଲଟେରୀ ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଆଜି ୧୪ ଟି କିଓସ୍କ ଓ ୭୬ଟି କ୍ୟାନୋପି ବଂଟନ କରିଛି । ସି ଆର୍ ପି ନିକଟସ୍ଥ ଭେଣ୍ଡିଂ ଜୋନ୍‌ରେ ମୋଟ ୪୮ ଟି କିଓସ୍କ ଏବଂ ୮୯ଟି ପିଣ୍ଡି କରାଯାଇଛି । ପୂର୍ବରୁ ଯେଉଁମାନଙ୍କୁ ଉଚ୍ଛେଦ କରାଯାଇଥିଲା, ପର୍ଯ୍ୟାୟକ୍ରମେ ସେହିମାନଙ୍କୁ ଲଟେରୀ ମାଧ୍ୟମରେ ଆଜି ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ବିଏମ୍ସି କିଓସ୍କ ଓ କ୍ୟାନୋପି ବଂଟନ କରିଛନ୍ତି ।

ଆଜି ଅପରାହ୍ନରେ ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଆରପିଏଫ୍ ଓ ଆଖପାଖ ଅଂଚଳରୁ ଉଚ୍ଛେଦ ହୋଇଥିବା ଉଠା ଦୋକାନୀ ଯୋଗଦେଇଥିଲେ । ପୂର୍ବ ତାଲିକା ଅନୁଯାୟୀ ଜଣକ ପରେ ଜଣେ ହିତାଧିକାରୀଙ୍କୁ ଡକାଯାଇଥିଲା । ସେମାନେ ନିଜ ନିଜର ଲଟେରୀ ଉଠାଇଥିଲେ । କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ୧୫ ନମ୍ବର ୱାର୍ଡରେ ସରକାରୀ ନିୟମ ଅନୁସାରେ କିଓସ୍କ ଓ କ୍ୟାନୋପି ବଂଟନ କରାଯାଇଛି । ଏଥିରେ ସାଧାରଣ ବର୍ଗ, ମହିଳା, ଦିବ୍ୟାଙ୍ଗ ସବୁ ବର୍ଗର ଲୋକଙ୍କୁ ସ୍ଥାନ ଦିଆଯାଇଛି । କେବଳ ସେତିକି ନୁହେଁ, କେଉଁଠାରେ କେଉଁ ଦୋକାନ ହେବ, ତାହା ମଧ୍ୟ ଚିହ୍ନଟ କରାଯାଇଛି । ଅର୍ଥାତ୍ ଫଳ ଦୋକାନ, ପରିବା, ଫୁଲ, ଛତୁ ଦୋକାନ,ଷ୍ଟେସନାରୀ ଦୋକାନ, ଖାଦ୍ୟ ଏବଂ ଆମିଷ ଦୋକାନ ଅଲଗା ଅଲଗା ସ୍ଥାନରେ ରହିଛି । କିଓସ୍କ କିମ୍ବା କ୍ୟାନୋପି ପାଇଥିବା ହିତାଧିକାରୀମାନେ ଚୁକ୍ତିପତ୍ର ସ୍ୱାକ୍ଷରିତ କରି ସେମାନଙ୍କର ଦୋକାନ ଖୋଲିବା ପାଇଁ ପରାମର୍ଶ ଦେଇଛନ୍ତି ମାନନୀୟା ମେୟର । କିଓସ୍କ ଓ କ୍ୟାନୋପି ପାଇଥିବା ସମସ୍ତେ ହିତାଧିକାରୀ ସେମାନଙ୍କର ଦୋକାନ ଖୋଲିବେ । ଭେଣ୍ଡିଂ ଜୋନ୍କୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି । କୌଣସି କିଓସ୍କ ବା ପିଣ୍ଡି କେହି ଭଡା ଦେଇପାରିବେ ନାହିଁ ବୋଲି ସେ ସମସ୍ତଙ୍କୁ ସୂଚାଇ ଦେଇଛନ୍ତି । ସମସ୍ତଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି ମାନନୀୟା ମେୟର । ସୂଚନା ଯୋଗ୍ୟକି ବର୍ତମାନ ସୁଧା ବି ଏମ୍ ସି ଅଂଚଳରେ ୨୦୦୦ ରୁ ଅଧିକ କିଓସ୍କ ଆବଂଟିତ ହୋଇ ସାରିଛି । ସରକାରଙ୍କ ନିୟମକୁ ଭିତିକରି ଏହାକରାଯାଉଛି । କିଓସ୍କୋ ପାଇଥିବା ବ୍ୟକ୍ତି ମାସକୁ ୭ ଶହ ଓ ପିଣ୍ଡି ପାଇଥିବା ବ୍ୟକ୍ତି ମାସକୁ ୩ ଶହ ଟଙ୍କା ଲେଖାଏଁ ବିଏମ୍ସିକୁ ପୈଠ କରିବେ ଏବଂ ୬ ମାସର ଅଗ୍ରୀମ ଭରିବେ ।

ଏହି ଲଟେରୀ ଉଠାଣ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ, ଶ୍ରୀମତୀ ପିଙ୍କି ସ୍ୱାଇଁ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ, ଡେପୁଟି କମିଶନର ଶ୍ରୀ ଅଜୟ କୁମାର ମହାନ୍ତି, ମୁଖ୍ୟ ଅଡିଟର ଶ୍ରୀମତୀ ସୌଦାମିନୀ ବେହେରା ମଂଚାସୀନ ଥିଲେ । ଟାଉନ ଭେଣ୍ଡିଂ କମିଟି ସଦସ୍ୟ ମନୋଜ କୁମାର ସ୍ୱାଇଁ ଓ ଅନ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

କିଓସ୍କ ଓ କ୍ୟାନୋପି ପାଇ ହିତାଧିକାରୀମାନେ ବେଶ ଖୁସି ପ୍ରକଟ କରିଛନ୍ତି ।

# ଏଫଏକ୍ୟୁ ମାନ କୋହଳ, କୃଷି ଇନପୁଟ୍ ସହାୟତା ଦୁଇଗୁଣା ବୃଦ୍ଧି, କୃଷିଋଣ ଛାଡ ପ୍ରଭୃତି ଦାବିରେ କୃଷି, ରାଜସ୍ୱ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କୁ କିଷାନ କଂଗ୍ରେସର ସ୍ମାରକପତ୍ର

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଲଗାତାର ଭାବେ ଏକ ସପ୍ତାହ ହେଲା ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ରାଜ୍ୟର ୨୧ଟି ଜିଲ୍ଲାରେ ଖରିଫ୍ ଧାନ, କପା, ପାନ, ଚିନାବାଦାମ, ରବି ପନିପରିବା, ଡାଲି ଓ ତୈଳବୀଜ ଜାତୀୟ ଫସଲ ବ୍ୟାପକ ଭାବରେ ନଷ୍ଟ ହୋଇଛି। ପାଚିଲା ଧାନ ଗଜା ହେଲାଣି। ଖାଲୁଆ ଜମିରୁ ଧାନ କାଟି ଆଣିବା ଆଉ ସମ୍ଭବପର ନୁହେଁ। କଟା ଯାଇଥିବା ପାଚିଲା ଧାନ ଖଳାକୁ ଆସିବା କାଠିକର ପାଠ। ବହୁଜାଗାରେ ଅମଳ ଧାନ ମଧ୍ୟ ଅସୁରକ୍ଷିତ। ତତ୍‌ସହିତ ପନିପରିବା ଫସଲ ବିରି ମୁଗ ପ୍ରଭୃତିରେ ଜଉ, ପାଉଁଶିଆ ଓ ପତ୍ରପୋଡ଼ା ପୋକ ଲାଗି ବ୍ୟାପକ ଭାବେ ନଷ୍ଟ ହେଲାଣି। ଚାଷକୁଳ ବର୍ତ୍ତମାନ ବେସାହାରା। ନିକଟରେ ସରକାର ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ କରିଥିବା ଘୋଷଣା ଚାଷୀମାନଙ୍କ ମନରେ କେତେକାଂଶରେ ଆଶ୍ୱସ୍ତି ସୃଷ୍ଟି ହେଉଥିବା ବେଳେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ କେବେ ସହାୟତା ପାଇବେ ଚାଷୀ ଚାତକ ପରି ଚାହିଁ ବସିଛନ୍ତି। ଯଦି ଚିରା ଚରିତ ଢଙ୍ଗରେ ପୁଣି ସେହି ସହାୟତା ପ୍ରଦାନ କରାଯାଏ ତେବେ ଏଥିରେ ଚାଷୀଙ୍କ କ୍ଷତି ଭାରଣା ହେବା ସମ୍ଭବ ନୁହେଁ। ତେଣୁ ଆଜି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ୧୦ ଦଫା ସମ୍ବଳୀତ ଏକ ଦାବିପତ୍ର ଦେବା ସହିତ ଲଘୁଚାପ ଜନିତ ବର୍ଷାରେ କ୍ଷତିଗ୍ରସ୍ତ ଧାନର ଏଫଏକ୍ୟୁମାନ କୋହଳ କରି କ୍ୱିଂଟାଲ ପ୍ରତି ୩୧ଶହ ଟଙ୍କାରେ ଚାଷୀଙ୍କଠାରୁ ସବୁ ବଳକା ଧାନକ୍ରୟ, କୃଷି ଋଣ ଛାଡ଼, ପ୍ରଚଳିତ କୃଷି ଇନପୁଟ୍ ସହାୟତାର ଦୁଇଗୁଣା ବୃଦ୍ଧି, ଭାଗଚାଷୀମାନଙ୍କୁ ସ୍ୱତନ୍ତ୍ର ସହାୟତା, ନିର୍ଦ୍ଧାରିତ ସମୟରେ ମଣ୍ଡି ଖୋଲିବା, କଟନୀ-ଛଟନୀ ବନ୍ଦ, ଚାଷୀଙ୍କୁ ଅଖା ମୂଲ୍ୟ ପ୍ରଦାନ, ପ୍ରଧାନମନ୍ତ୍ରୀ ଫସଲବୀମା ସର୍ତ୍ତାବଳୀ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅଗ୍ରୀମ ରୂପେ ବୀମା ସହାୟତା ରାଶି ପ୍ରଦାନ, ରିଲିଫ୍ କୋର୍ଡ଼ର ସଂଶୋଧନ, ରବି ଚାଷ ପାଇଁ ଚାଷୀଙ୍କୁ ତୈଳବୀଜ, ଡାଲି, ପନିପରିବା ବିହନ ମାଗଣାରେ ଯୋଗାଣ, ନିକଟରେ ଫସଲ ହାନୀ ଓ ଋଣ ବୋଝରେ ମୃତ୍ୟୁବରଣ କରିଥିବା ଦୁଇଜଣ ଚାଷୀ ପରିବାରକୁ ଅନୁକମ୍ପା ମୂଳକ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, କୃଷି କାର୍ଯ୍ୟପାଇଁ ସମ୍ପୂର୍ଣ୍ଣ ବିଜୁଳି ଶୁଳ୍କ ଛାଡ଼ କରିବାକୁ ଏହି ଦାବୀପତ୍ରରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି। ଯଦି ଏହି ଦାବିଗୁଡ଼ିକ ତୁରନ୍ତ ପୂରଣ କରା ନ ଯାଏ ଆସନ୍ତା ଜାନୁଆରୀ ୯ ତାରିଖ ପରିବର୍ତ୍ତେ ୮ ତାରିଖ ବୁଧବାର ଦିନ ଜିଲ୍ଲାପାଳମାନଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଷାନ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜିଲ୍ଲାପାଳମାନଙ୍କୁ ଦାବିପତ୍ର ପ୍ରଦାନ କରାଯିବ।

# ଭେଣ୍ଡିଂ ଜୋନରୁ ଘରଭଡ଼ା ଆଦାୟ କରୁନି ପୌରପାଳିକା

ଘଟଗାଁ , ୨୭/୧୨ (ନି.ପ୍ର): ଆନନ୍ଦପୁର ପୌରପାଳିକା ପକ୍ଷରୁ ଭେଣ୍ଡିଂ ଜୋନରୁ ଘରଭଡ଼ା ଆଦାୟ ହେଉନଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ସୂଚନାରୁ ପ୍ରକାଶ ଆନନ୍ଦପୁର ପୌରପାଳିକା ପକ୍ଷରୁ ଉଠା ଦୋକାନୀ ଓ ଗରିବ ଲୋକମାନଙ୍କୁ ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିବା ନେଇ ୨୦୨୦ ମସିହାରେ ଆନନ୍ଦପୁର ବଡ଼ଦାଣ୍ଡ ଠାରେ ଭେଣ୍ଡିଂ ଜୋନ କରାଯାଇ ୨୦ଟି ଦୋକାନ ଗୃହ ସମେତ ଫକୀରମୋହନ ମାର୍କେଟ ଓ ବ୍ରିଜଛକ ଠାରେ ଥିବା ଦୋକାନ ଗୃହରୁ ଦୀର୍ଘ ବର୍ଷ ଧରି ଭଡ଼ା ଆଦାୟ ହେଉନଥିବାର ଜଣାଯାଇଛି। ଗରିବ ବେପାରୀମାନଙ୍କ ଠାରୁ ମାସକୁ ମାସ ଭଡ଼ା ଆଦାୟ କରାଯାଉ ନଥିବାରୁ ଏକକାଳୀନ ବର୍ଷ ବର୍ଷର ଭଡ଼ା ଆଦାୟ କରିବା କଷ୍ଟକର ଠାରୁ ଜଣାଯାଇଛି।

# ସାମ୍ବାଦିକ ତ୍ରିନାଥ ମହାନ୍ତଙ୍କୁ କାବ୍ୟାଞ୍ଜଳି ସମ୍ମାନ

ଚମ୍ପୁଆ, ୨୭/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ କାବ୍ୟାଞ୍ଜଳି କାର୍ଯ୍ୟକାରୀ ସମିତି ଆନୁକୂଲ୍ୟରେ ଜିଲ୍ଲା ଦରବାର ହଲ ଠାରେ ମହାନ ଜନନାୟକ ଭାରତରତ୍ନ ଯଶସ୍ୱୀ କବି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ପୂର୍ତ୍ତି ଓ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳନ ଅବସରରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମର ସାମ୍ବାଦିକ ତ୍ରିନାଥ ମହାନ୍ତଙ୍କୁ ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତାରେ ଉଲେଖନୀୟ ଅବଦାନ ପାଇଁ କାବ୍ୟାଞ୍ଜଳି ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଛି। କାବ୍ୟାଞ୍ଜଳି କାର୍ଯ୍ୟକାରୀ ସମିତି ଆବାହକ ରାଧାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମାନ୍ୟବର ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଗଣେଶ ରାମସିଂ ଖୁଂଟିଆ ଓ ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ଆରକ୍ଷୀ ଅଧିକ୍ଷକ ଶ୍ରୀ ନିତିନ କୁଶଲକର, ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ଜିଲ୍ଲାପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୁଷଣ ପ୍ରମୁଖ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପ୍ରସିଦ୍ଧ ସାହିତ୍ୟିକ ତଥା ପ୍ରାଧ୍ୟାପକ ସୁଧା ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଦିକ ତ୍ରିନାଥ ମହାନ୍ତଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ମହାନ୍ତ ଏକା ଧାରରେ ଜଣେ ସାମ୍ବାଦିକ, କବି, ଗାଳ୍ପିକ ଓ ସଂଗଠକ। ପତ୍ର, ପତ୍ରିକା ସମ୍ପାଦନା କ୍ଷେତ୍ରରେ ମଧ୍ୟ ତାଙ୍କର ଉଲେଖନୀୟ ଦକ୍ଷତା ରହିଛି। ସେ ଛାତ୍ର ଜୀବନରୁ ହିଁ ଗଳ୍ପ, କବିତା ଲେଖିବା ସଙ୍ଗେ ସଙ୍ଗେ ବିଭିନ୍ନ ଅନୁଷ୍ଠାନ ସହିତ ଅଙ୍ଗାଙ୍ଗି ଭାବେ ଜଡିତ ଥାଇ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ବିକାଶ ନିମନ୍ତେ ଉଲେଖନୀୟ କାର୍ଯ୍ୟ କରିବା ସହିତ ପତ୍ର, ପତ୍ରିକାରେ ସମ୍ପାଦକ ଭାବେ କାର୍ଯ୍ୟ କରି ସମ୍ପାଦନା କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ତାଙ୍କର ସ୍ୱରଚିତ କବିତା, ଗଳ୍ପ ବହୁ ପତ୍ର, ପତ୍ରିକାରେ ପ୍ରକାଶିତ।

# ନୂଆ ରୂପ ପାଇବ କପିଳେଶ୍ୱର ମନ୍ଦିର: ୪୬ ଲକ୍ଷ ଟଙ୍କାରେ ଉନ୍ନତିକରଣ ଆରମ୍ଭ

ଭୁବନେଶ୍ୱର , ୨୭/୧୨ (ନି.ପ୍ର): ପୁରୁଣା ଭୁବନେଶ୍ୱରରେ ଥିବା ପ୍ରାଚୀନ କପିଳେଶ୍ୱର ମନ୍ଦିରର ହେବ ନବକଳେବର । ଏକାଦଶ ଶତାବ୍ଦୀର ଏହି ପ୍ରାଚୀନ ମନ୍ଦିର ଏବେ ଜରାଜୀର୍ଣ୍ଣ ସ୍ଥିତିରେ । ଉପରୁ ପଥର ପଡୁଛି, ପାଣି ଗଳୁଛି । ତେବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଉଦ୍ୟମରେ ଏହି ପ୍ରାଚୀନ ମନ୍ଦିରଟି ଭାରତୀୟ ପ୍ରତ୍ନତତ୍ୱ ବିଭାଗ ଅଧିନକୁ ଯାଇଛି । ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମରେ ଏଏସଆଇ ଅନୁମତିରେ ଏହାର ଉନ୍ନତିକରଣ କାମ ହାତକୁ ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ କପିଳେଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ୪୬ ଲକ୍ଷ ଟଙ୍କାର ଅନୁଦାନ ଆସିଛି । ଏନେଇ ସାଂସଦ ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି । ଆଗକୁ ୩ ମାସ ପରେ କପିଳେଶ୍ୱର ମନ୍ଦିରର ଅଧିକ ଉନ୍ନତିକରଣ ପାଇଁ ୧ କୋଟି ଟଙ୍କାର ଅନୁଦାନ ରାଶି ଆସିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ । ପ୍ରଥମ ପର୍ଯ୍ୟାୟରେ କପିଳେଶ୍ୱର ମନ୍ଦିରର ମରାମତି କାମ ହାତକୁ ନିଆଯିବ । ଦ୍ୱିତୀୟ ପର୍ଯ୍ୟାୟରେ ସାମନ୍ତରାପୁର ଠାରୁ କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କରାଯିବ । ଯେପରି ପର୍ଯ୍ୟଟକମାନେ ରାଜଧାନୀ ଭୁବନେଶ୍ୱରରେ ଥିବା ଏହି ପ୍ରାଚୀନ ମନ୍ଦିରକୁ ବୁଲି ଆସିବାରେ କୌଣସି ସମସ୍ୟା ରହିବନି । କପିଳେଶ୍ୱର ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ , ଏଏସଆଇ ବିଭାଗୀୟ ଅଧିକାରୀ, ବିଧାୟକ ବାବୁ ସିଂ, ସ୍ଥାନୀୟ ଗ୍ରାମବାସୀ, ମନ୍ଦିରର ସେବାୟତ, ନିଯୋଗ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ । ସାଂସଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଉଦ୍ୟମରେ ଏହି ପ୍ରାଚୀନ କପିଳେଶ୍ୱର ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବାକୁ ନେଇ ସ୍ଥାନୀୟ ଅଂଚଳରେ ଖୁସି ଖେଳିଯାଇଛି । ରାଜଧାନୀର ପର୍ଯ୍ୟଟନ ମାନଚିତ୍ରରେ ଆଗକୁ ପୁରାତନ କପିଳେଶ୍ୱର ମନ୍ଦିର ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିବ ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ ମତ ରଖିଛନ୍ତି ।

# କୀର୍ତ୍ତନ ବିହାରୀ ମିଶ୍ର ସ୍ମୃତି ସଂସଦର ପ୍ରସ୍ତୁତି ବୈଠକ

ଘଟଗାଁ , ୨୭/୧୨ (ନି.ପ୍ର): କେଶଦୁରାପାଳ ଦଧିବାମନ ଜୀଉ ମନ୍ଦିର ପରିସରରେ କୀର୍ତନ ବିହାରୀ ମିଶ୍ର ସ୍ମୃତି ସଂସଦର ବାର୍ଷିକ ଉତ୍ସବ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଜନାର୍ଦନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂପାଦକ ମଙ୍ଗୁଳି ଚରଣ ପୃଷ୍ଟି କାର୍ଯ୍ୟକ୍ରମର ରୂପରେଖ ସଂପର୍କିତ ସୂଚନା ଦେଇଥିଲେ। ତା'ପରେ ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରି ଆଲୋଚନାକୁ ଆଗେଇ ନେବାପରେ ଅନୁଷ୍ଠାନର ପ୍ରତିଷ୍ଠାତା ହରିପ୍ରସାଦ ମିଶ୍ର ନିଜ ମତାମତ ରଖି ପ୍ରତି ବର୍ଷ ଭଳି ଆଗାମୀ ୨୦୨୫ ଜାନୁଆରୀ ତିରିଶ ତାରିଖରେ ଉତ୍ସବ ପାଳନ ଓ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ କରାଯିବାକୁ କହିଥିଲେ।

ବୈଠକର ସିଦ୍ଧାନ୍ତ ପ୍ରକାରେ ସ୍ମରଣିକା ପ୍ରକାଶନ, ପ୍ରତିଭା ସମ୍ବର୍ଦ୍ଧନା ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆଦି କରାଯାଇ କୃତି ପ୍ରତିଯୋଗୀ ଚୟନ କରାଯିବାକୁ ନିଷ୍ପତି ନିଆଗଲା। ବିଶେଷ କରି ସ୍ମରଣିକାର ଶ୍ରୀବୃଦ୍ଧି ପାଇଁ ଲେଖକ ଲେଖିକାମାନେ ସେମାନଙ୍କର ସାମାଜିକ ମୂଲ୍ୟବୋଧ ସଂପର୍କିତ ଲେଖାମାନ ସଂପାଦକ କିମ୍ବା ରତ୍ନାକର ଦାସଙ୍କ ଠିକଣାରେ ଆଗାମୀ ଜାନୁଆରୀ ୧୨ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ କରାଗଲା। ଉକ୍ତ ବୈଠକରେ ଡ.ରାମଚନ୍ଦ୍ର ନାୟକ, ତ୍ରୈଲୋଚନ ସାହୁ, ହଳଧର ବିହାରୀ, କୃଷ୍ଣପ୍ରସାଦ ମିଶ୍ର, ଶିବପ୍ରସାଦ ମିଶ୍ର, ରତ୍ନାକର ଦାସ, ଶଶୀକାନ୍ତ ରାଉତ, ପୁଷ୍ପମଞ୍ଜରୀ କର ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସମ୍‌ରେ ନବଜାତ ଶିଶୁଙ୍କ କ୍ଷେତ୍ରରେ ପୁର୍ନଜୀବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର , ୨୭/୧୨ (ନି.ପ୍ର): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍, ଭୁବନେଶ୍ୱର ଓ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକସ୍ ସିଟି ଶାଖା (ଆଇଏପି) ର ମିଳିତ ଆନୁକୂଲ୍ୟରେ ମେଡିକାଲ୍ କଲେଜର ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ନବଜାତ ଶିଶୁଙ୍କ କ୍ଷେତ୍ରରେ ପୁର୍ନଜୀବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି ।

ନବଜାତ ଶିଶୁଙ୍କ ଜୀବନ ରକ୍ଷା ନିମନ୍ତେ ଆବଶ୍ୟକୀୟ ଜ୍ଞାନକୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନବଜାତ ଶିଶୁଙ୍କ ପ୍ରାଥମିକ ସ୍ତରରେ ଜୀବନ ରକ୍ଷା ନିମନ୍ତେ ଏୟାରୱେ ବ୍ୟବସ୍ଥାପନ ଓ ଚେଷ୍ଟ କମ୍ପ୍ରେସନ୍ସ ସମ୍ପର୍କରେ ପ୍ରଶିକ୍ଷଣ ନେବା ସହ ଜରୁରୀକାଳୀନ ସ୍ଥିତିରେ ସେମାନଙ୍କ ଜୀବନ ରକ୍ଷା ନେଇ କେଉଁଭଳି ଦକ୍ଷତା ଆବଶ୍ୟକ ସେ ନେଇ ଜ୍ଞାନ ଆହରଣ କରିଥିଲେ ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗର ପ୍ରଫେସର (ଡାକ୍ତର) ମୃତ୍ୟୁଞ୍ଜୟ ଦାଶ, ଡାକ୍ତର ପ୍ରଶାନ୍ତ ସାବତ ଏବଂ ଡାକ୍ତର ଚନ୍ଦ୍ରଶେଖର ପାତ୍ର ଯୋଗ ଦେଇଥିଲେ । ସେମାନେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ସମ୍ପର୍କରେ ନିଜର ଅଭିଜ୍ଞତା ଓ ଦୃଷ୍ଟିକୋଣ ବଖାଣି ଥିଲେ । କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ପୁଷ୍ପରାଜ ସାମନ୍ତସିଂହାର ଏବଂ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ମମତାଦେବୀ ମହାନ୍ତି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ବଡଦିନର ମହତ୍ତ୍ୱ

ସୁଷମା ପରିଜା




ଡିସେମ୍ବର ମାସର ପଚିଶି ତାରିଖ। ସାରା ବିଶ୍ୱରେ ଆମେ ସମସ୍ତେ ଏଇ ଦିନଟିକୁ "ବଡଦିନ" ରୂପେ ଜାଣୁ। ବଡ ମାନଙ୍କ ଠାରୁ ଉପହାର ପାଇ ସାଙ୍ଗସାଥୀଙ୍କ ମେଳରେ ଖୁବ୍ ଆନନ୍ଦ ରେ ପାଳନ କରୁ ଏଇ ଦିନଟିକୁ । ଆସ ଆଜି ଜାଣିବା ଏଇ ଦିନର ବିଶେଷତ୍ୱ କ'ଣ ।

ଅନେକ ବର୍ଷ ପୂର୍ବେ ଈଶ୍ୱର ସନ୍ତାନ ଯୀଶୁଖ୍ରୀଷ୍ଟ ଏଇ ଦିନରେ ଜନ୍ମ ଗ୍ରହଣ କରିଥିଲେ ଜେରୁଜେଲମ୍‌ର ଏକ ଗାଆଁ ବେଥେଲହାମ୍ ର ଏକ ଅଶ୍ୱଶାଳାରେ ମା' ମେରି ଏବଂ ବାପା ଯୋଶେଫ୍‌ଙ୍କ କୋଳରେ । ସେ ସାରା ଜଗତରୁ ଦୁଃଖ ହରଣ କରି ସୁଖ ଦେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ତାଙ୍କୁ ଈଶ୍ୱରଙ୍କ ପୁତ୍ର ବା ଈଶ୍ୱରଙ୍କ ଦୂତ ଭାବରେ ମାନୁଥିଲେ । ସାଧାରଣ ମଣିଷକୁ ସୁଖ ଟିକିଏ ଦେବା ଲାଗି ପ୍ରୟାସ କରି ସେ ସମୟର ସାମାଜିକ ଅବସ୍ଥା ଅନୁସାରେ ତାଙ୍କୁ ସମାଜରେ ଅନେକ କଷ୍ଟ ଭୋଗିବାକୁ ପଡିଥିଲା । ସମାଜର କଠୋରପନ୍ଥୀ ମାନେ ତାଙ୍କୁ କଷ୍ଟଦାୟକ ମୃତ୍ୟୁଦଣ୍ଡ ଦେବା ପରେ ବହୁତ ବିଳମ୍ବରେ ଲୋକେ ତାଙ୍କର ମହତ୍ତ୍ୱ ବୁଝିଲେ। ସେଥିପାଇଁ ତାଙ୍କ ମୃତ୍ୟୁର ଅନେକ ଦିନ ପରେ ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚ ତାଙ୍କର ଜନ୍ମ ଦିନକୁ ଆନନ୍ଦର ଦିନ "ଖ୍ରୀଷ୍ଟ ମାସ୍ ଡେ" ବା "ବଡଦିନ" ଭାବରେ ପାଳନ କରିବାକୁ ସ୍ଥିର କରିଥିଲା ଏବଂ ଏହି ଦିନଟିକୁ ସାରା ବିଶ୍ୱରେ ଛୁଟିଦିନ ଭାବରେ ପାଳନ କରାଯାଇଥିଲା।

ଇତିହାସ କହେ, ପ୍ରଥମେ ଇଜିପ୍ଟ ଆଉ ରୋମ୍ ନଗରୀରେ ବଡଦିନ ଉତ୍ସବରେ "ଖ୍ରୀସ୍ ମାସ୍ ଟ୍ରି"ର ପ୍ରଚଳନ ହୋଇଥିଲା। ସେମାନେ ପାଇନ୍ କିମ୍ବା ସେଇଭଳି ଚିରହରିତ୍ ବୃକ୍ଷକୁ ଫୁଲହାର ଦେଇ ସଜାଇ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ। ପ୍ରାୟ ଷୋଡଶ ଶତାବ୍ଦୀରେ ଜର୍ମାନୀ ଦେଶରେ ଏହାକୁ ଏକ ଆନନ୍ଦର ଦିନ ଭାବରେ ପାଳନ କରିବାକୁ ଯାଇ "ଖ୍ରୀସ୍ ମାସ୍ ଟ୍ରି" ଟିଏ ତିଆରି କରି, ତହିଁରେ ଚିକିମିକି ଜରି, ଝାଲେରୀ ଦେଇ, ସେଥିରେ ବିଭିନ୍ନ ପ୍ରକାର ଫୁଲ, ଫଳ ଟଙ୍ଗାଇ ସୁନ୍ଦର ଭାବରେ ସଜାସଜି କରି ଉତ୍ସବ ପାଳନ କରା ଯାଇଥିଲା।

ଏହି ଦିନକୁ ଏକ୍ସ- ମାସ୍ ମଧ୍ୟ କୁହାଯାଏ । ଏହା ଏକ ରୋମାନ୍ ଶବ୍ଦ। ରୋମାନ୍ ଭାଷାରେ ଖ୍ରୀଷ୍ଟ ମାସ୍‌ର ବନାନ୍ "ଢ" ଅକ୍ଷରରେ ଆରମ୍ଭ ହୋଇଥାଏ , ତେଣୁକରି କହିଲେ ଏହା ଖ୍ରୀଷ୍ଟ୍ ମାସ୍ ବୁଝାଏ।

ତୁମେ ପିଲାମାନେ ବଡଦିନ କହିଲେ ନାଲି ପୋଷାକ ଆଉ ଟୋପି ବାଲା "ସାଣ୍ଟାକ୍ଲଜ୍" ଏବଂ ତା'ର ଗୋପନରେ ଦେଉଥିବା ଉପହାରର କଥା ହିଁ ବୁଝିଥାଅ, ହେଲେ ଜାଣିଛ କି ଏ "ସାଣ୍ଟାକ୍ଲଜ୍"ଟି କିଏ ? ସେ ହେଉଛନ୍ତି ସେଣ୍ଟ୍ ନିକୋଲାସ୍ ନାମକ ଜଣେ ଡଚ୍ ପାଦ୍ରୀ ବା ( ଚର୍ଚ୍ଚର ବିଶପ୍) ଯିଏ ପିଲା ମାନଙ୍କୁ ଖୁବ୍ ଭଲ ପାଉଥିଲେ ଏବଂ ସେମାନଙ୍କୁ ବିଭିନ୍ନ ପ୍ରକାର ଖେଳନା ଉପହାର ଦେଇ ଖୁସି କରାଉଥିଲେ। ତାଙ୍କରି ନାମଟି ଡଚ୍ ଲୋକ ମୁଖରେ ସିଣ୍ଟର କ୍ଲାସ୍‌ବା



ସାଣ୍ଟାକ୍ଲଜ୍ ଭାବରେ ପ୍ରଚଳିତ ହୋଇଛି। ପୂର୍ବରୁ ସାଣ୍ଟାକ୍ଲଜ୍‌ଙ୍କର ପୋଷାକ ନାଲି, ନୀଳ, ହଳଦିଆ, ସବୁଜ, ଗୋଲାପି ଇତ୍ୟାଦି ରଙ୍ଗର ହେଉଥିଲା କିନ୍ତୁ କୋକାକୋଲା କମ୍ପାନୀ ଏହାକୁ ହାତକୁ ନେଇ ନିଜର ପାନୀୟର ରଙ୍ଗ ମୁତାବକ ନାଲି ରଙ୍ଗର କରିଦେଲେ। ସେଇଦିନ ଠାରୁ ସାଣ୍ଟାକ୍ଲଜ୍‌ର ପୋଷାକ ନାଲି ରଙ୍ଗର ହୋଇଛି। ତୁମେମାନେ ଜାଣ କି ! ସାଣ୍ଟାକ୍ଲଜ୍‌ର ପୃଥିବୀର ସବୁ ଭଲ ପିଲା ମାନଙ୍କ ପାଇଁ ଉପହାର ଭର୍ତ୍ତି ହୋଇଥିବା ସ୍ଲେଜ୍ ଗାଡିଟି ଟାଣି ଟାଣି ନେଉଥିବା ନାଲିନାକିଆ ବଲଗା ହରିଣର ନାମ କ'ଣ ? ଆଉ କେତୋଟି ବଲଗା ହରିଣ ସାହାଯ୍ୟ କରନ୍ତି ତା'କୁ ଟାଣିବା ପାଇଁ ସେଇ ଉପହାରଭର୍ତ୍ତି ଓଜନିଆଁ ସ୍ଲେଜ୍ ଗାଡିକୁ ସେଇ ବଲଗା ହରିଣର ନାମ ହେଲା ରଡଲଫ୍ ତା'ର ସହଯୋଗୀଙ୍କ ନାମ କ୍ୟୁପିଡ୍, ଡ୍ୟାନ୍ସର, ଭିକ୍ସେନ୍, ଡଣ୍ଡର, କୋମେଟ୍, ଡ୍ୟାଶର୍ ପ୍ରାନ୍ସର୍ ଏବଂ ବ୍ଲିକ୍ସେମ୍।

ଜାଣିଛ କି ? ପ୍ରଭୁ ଯୀଶୁ ଜନ୍ମ ନେବା ବେଳେ ତାଙ୍କୁ ଗୁଡିଏ ବହୁମୂଲ୍ୟ ଐଶ୍ୱରୀୟ ଉପହାର ମିଳିଥିଲା। ଆକାଶରେ ଏକ ଉଜ୍ଜ୍ୱଳ ତାରକା ଦୃଷ୍ଟିଗୋଚର ହୋଇଥିଲା ଏବଂ ଦେବଦୂତ ମାନେ ତାଙ୍କୁ ସୁନା ଗହଣା, ସୁଗନ୍ଧି ଇତ୍ୟାଦି ଉପହାର ଦେଇଥିଲେ।

ଖ୍ରୀସମାସ୍‌ରେ ବ୍ୟବହୃତ ହେଉଥିବା ପୁଷ୍ପଚକ୍ରରେ ଲାଗିଥାଏ ତିନିଟି ରଙ୍ଗର ଫୁଲ ଯଥା ନାଲି,ସବୁଜ ଏବଂ ସ୍ୱର୍ଣ୍ଣ ରଙ୍ଗର ଫୁଲ। ତାହା ପ୍ରଭୁ ଯୀଶୁଙ୍କର ମଥାରେ ଥିବା ମୁକୁଟର ପ୍ରତିନିଧିତ୍ୱ କରେ। ନାଲି ରଙ୍ଗଟି ଯୀଶୁଙ୍କର ରକ୍ତ, ସବୁଜ ରଙ୍ଗଟି ଜୀବନ ଏବଂ ସ୍ୱର୍ଣ୍ଣ ରଙ୍ଗଟି ଐଶ୍ୱରୀୟ ଆଲୋକ ବୁଝାଏ। ଏହି ପୁଷ୍ପଚକ୍ରଟି ଡିସେମ୍ବରର ଘନ କଠିନ ଶୀତକାଳରେ ମଧ୍ୟ ଜୀବନ ଏବଂ ଐଶ୍ୱରୀୟ ଦ୍ୟୁତିର ଉପସ୍ଥିତି ଜାହିର୍ କରିଥାଏ। ଖ୍ରୀସମାସ୍‌ରେ ମନଖୁସିଆ ଗୀତ " ଜିଙ୍ଗଲ୍ ବେଲ୍.."ର ମଧ୍ୟ ମହତ୍ତ୍ୱ ରହିଛି। ଏହା ସମସ୍ତଙ୍କର ସୌଭାଗ୍ୟ, ଅସୁସ୍ଥତା ଆଉ ମନଖୁସି ରଖିବା ପାଇଁ ଗୀତଟିଏ । ସେଣ୍ଟ୍ ଫ୍ରାନସିସ୍ ଏହି ଧାରା ଆରମ୍ଭ କରିଥିଲେ ।

ଜାଣିଛ କି ! ସମସ୍ତଙ୍କୁ ଉପହାର ଦେଇ ମନଖୁସି କରାଉଥିବା ସାଣ୍ଟାକ୍ଲଜ୍‌କୁ ମଧ୍ୟ କେହି କେହି ଉପହାର ଦିଅନ୍ତି। ସ୍ନେହର ସହିତ ମିଠା କୁକିଜ୍ ଏବଂ କ୍ଷୀର ଉପହାର ଦେଲେ ସାଣ୍ଟାକ୍ଲଜ୍ ଖୁବ୍ ଖୁସି ହୁଏ । ଏମିତି ତ ଖ୍ରୀସମାସ୍ ବା ବଡଦିନରେ ସମସ୍ତେ ନୂଆଲୁଗା ପିନ୍ଧି ପରସ୍ପରକୁ ଶୁଭକାମନା କାର୍ଡ୍ ଦେଇ, ଭୋଜିଭାତ କରି, କେକ୍ କାଟି, ଫଳ ମିଠା ବାଣ୍ଟି, ମଉଜ ମଜଲିସ୍ କରି ଦିନ କାଟନ୍ତି । ବ' ସହ ସ୍ନେହ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ପରସ୍ପରକୁ ଉପହାର ଦେଇଥାନ୍ତି କିନ୍ତୁ ଏମିତି ଗୋଟିଏ ଅପୂର୍ବ ଖ୍ରୀସମାସ୍ ଉପହାର ଅଛି ଯାହା ସାରା ବିଶ୍ୱରେ ପ୍ରସିଦ୍ଧ ଅଟେ। ସେଇଟି କ'ଣ ଜାଣିଛ ? ସେଇଟି ହେଲା ଫ୍ରାନ୍ସ ର ଲୋକମାନେ ସଂଯୁକ୍ତ ରାଷ୍ଟ୍ର ଆମେରିକାକୁ ୧୮୬୬ ମସିହାରେ ବନ୍ଧୁତ୍ୱର ନିଦର୍ଶନ ରୂପେ ଦେଇଥିବା ଅମୂଲ୍ୟ ଉପହାର " ଷ୍ଟାଚ୍ୟୁ ଅଫ୍ ଲିବର୍ଟି " ପ୍ରତିମା । ତାହା ଏ ଯାବତ୍ ବିଶ୍ୱର ସବୁଠାରୁ ସୁନ୍ଦର ଏବଂ ଦୂର୍ମୂଲ୍ୟ ଉପହାର ଭାବରେ ପରିଗଣିତ ହେଉଛି। ଖ୍ରୀସମାସ୍ ବା ବଡଦିନ ଖାଲି କୌଣସି ନିର୍ଦ୍ଦିଷ୍ଟ ସଂପ୍ରଦାୟର ଏକ ଧାର୍ମିକ କି ଖୁସିର ପର୍ବ ନୁହେଁ ଏହା ସାରା ମାନବ ସମାଜ ପାଇଁ ଶାନ୍ତି, ମୈତ୍ରୀ ଏବଂ ସଂହତିର ବାର୍ତ୍ତା ବହ। କେବଳ ଖୁସି ମଜା କରି, ଉପହାର ନେଇ ଏ ଦିନଟି କଟାଇ ଦେବା ନାହିଁ ଏହାର ମହତ୍ତ୍ୱ ବୁଝିବା। ନିଜ ହୃଦୟର ଗଭୀରତମ ପ୍ରଦେଶରେ ଈଶ୍ୱର ଚେତନା ଜାଗ୍ରତ କରିବା, ଖ୍ରୀଷ୍ଟଙ୍କ ପ୍ରେମମୟ ଭାବକୁ ଆପଣାଇ ଦୟା, କ୍ଷମା, ବିଶ୍ୱାସରେ ବିଶ୍ୱଭ୍ରାତୃଭାବ ପ୍ରତିଷ୍ଠା କରି ବିଶ୍ୱକୁ ସରସ ସୁନ୍ଦର ଶାନ୍ତ କରି ଗଢିବା ହିଁ ଖ୍ରୀଷ୍ଟମାସ ପାଳନର ପ୍ରକୃତ ଉଦ୍ଦେଶ୍ୟ । ମେରି ଖ୍ରୀଷ୍ଟ ମାସ।

+ ଶାରଳା ଭବନ
ପୋତାପୋଖରୀ ନୂଆବଜାର
କଟକ -୪
ମୋ: ୯୩୩୭୨୭୨୬୪୭

# ଭଲ ହୋଇଯିବ ଓଠ ଫଟା: ଆପଣାନ୍ତୁ ଏହି ଘରୋଇ ଉପଚାର

ଶୀତ ଦିନେ ତ୍ୱଚା ରୁକ୍ଷ ଦେଖାଯିବା ସହ ଓଠ ମଧ୍ୟ ଫାଟିଥାଏ। ଏଥିପାଇଁ ଫଟା ଓଠରେ ବାରମ୍ବାର ଲିପ୍ ବାମ ଲଗାଇ ଥାନ୍ତି। ହେଲେ ଓଠ ଫାଟିବାରୁ ମୁକ୍ତି ମିଳି ନଥାଏ। ବଜାରରେ ମିଳୁଥିବା ଲିପ୍‌ବାମ ଓଠକୁ କଳା ପକାଇ ଦେଇଥାଏ। ତେଣୁ ଏପରି ଲିପବାମ୍ ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ଉପଚାର ମାଧ୍ୟମରେ ଆପଣ ଓଠ ଫାଟିବାରୁ ମୁକ୍ତି ପାଇ ପାରିବେ। ଆସନ୍ତୁ ଜାଣିବା ସେ ବିଷୟରେ ।

ଘିଅ ବା ଲହୁଣୀ: ଶୀତ ଦିରେ ଆପଣଙ୍କ ଓଠ ଫାଟୁଛି ତାହା ହେଲେ ଗୁଆ ଘିଅକୁ ଓଠରେ ଲଗାନ୍ତୁ। ଏଥିସହ ଆପଣ ଲହୁଣୀ ଲଗାଇପାରିବେ। ବିଶେଷ କରି ରାତିରେ ଶୋଇବା ବେଳେ ଓଠରେ ଘିଅ ଲଗାଇ ଶୁଅନ୍ତୁ। ଫଳରେ ଓଠ ରୁକ୍ଷ ବଦଳରେ ନରମ ରହିଥାଏ ।

ମହୁ: ଶୀତ ଦିନରେ ଓଠରେ ମହୁ ଲଗାଇପାରିବେ। ଏହା ଦ୍ୱାରା ଓଠ ନରମ ରହିଥାଏ। ମହୁରେ ପ୍ରାକୃତିକ ହାଇଡ୍ରେଟିଂ ଏଜେଣ୍ଟ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଭରପୂର ହୋଇ ରହିଥାଏ।

ନଡ଼ିଆ ତେଲ: ନଡିଆ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଥାଏ, ଯାହା ଶୁଖିଲା ଏବଂ ଫାଟିଯାଇଥିବା ଓଠକୁ ଭଲ କରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ଶୀତଦିନେ ଓଠ ଫାଟୁଥିଲେ ନଡ଼ିଆ ଲଗାଲେ ଲାଭଦାୟକ ହୋଇଥାଏ।

ଆଲୋ ଭେରା ଜେଲ: ଆଲୋ ଭେରା ଜେଲକୁ ଫଟା ଓଠରେ ଲଗାଇଲେ ଲାଭ ଦାୟକ। ଏହା ବ୍ୟବହାର କରିବା ଦ୍ୱାରା ଆମର ଓଠ ଫଟା ଭଲ ହୋଇଯାଇଥାଏ।



# ଏହି ଲୋକମାନେ ଭୁଲରେ ବି ଖାଆନ୍ତୁ ନାହିଁ କାଜୁ

**ଫାଇଦା ବଦଳରେ ଭୋଗିବାକୁ ପଡିବ ଅନେକ ସମସ୍ୟା**

କାଜୁ ଖାଇବାକୁ ଅନେକ ଲୋକେ ଭଲ ପାଇଥାନ୍ତି । କାରଣ ଏହା ପାଟିକୁ ଯେତେ ସ୍ୱାଦିଷ୍ଟ ଲାଗେ ଶରୀର ପାଇଁ ମଧ୍ୟ ସେତିକି ଉପଯୋଗୀ ହୋଇଥାଏ । କାଜୁରେ ଭିଟାମିନ୍, ପ୍ରୋଟିନ୍, ଫାଇବର, ଫସଫରସ୍, ସେଲେନିୟମ୍, କ୍ୟାଲସିୟମ୍, ଆଇରନ୍, ଫାଇବର, ଫୋଲେଟ୍, ମ୍ୟାଗ୍ନେସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଆଦି ଭରପୁର ମାତ୍ରାରରେ ରହିଥାଏ । ଯହା ଶରୀରକୁ ସୁସ୍ଥ ରଖିବା ସହ ତ୍ୱଚାକୁ ମଧ୍ୟ କୋମଳ ରଖିଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ଏପରି ବି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କୁ କାଜୁ ସେବନ କରିବାକୁ ବାରଣ କରାଯାଏ । ତେବେ ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ବ୍ୟକ୍ତିମାନଙ୍କ ବିଷୟରେ...

ମାଇଗ୍ରେନ ସମସ୍ୟା : ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଯେଉଁ ବ୍ୟକ୍ତିମାନଙ୍କର ମୁଣ୍ଡ ବ୍ୟଥା କିମ୍ବା ମାଇଗ୍ରେନ ପରି ସମସ୍ୟା ଅଛି ସେହି ବ୍ୟକ୍ତିମାନେ କାଜୁ ସେବନ କରିବା ଉଚିତ ନୁହେଁ । କାରଣ କାଜୁରେ ଥିବା ଆମିନୋ ଏସିଡ୍ ଏହି ସମସ୍ୟାକୁ ଅଧିକ ବଢାଇ ଦେଇଥାଏ । ତେଣୁ ମାଇଗ୍ରେନ୍ ସମସ୍ୟା ଥିଲେ କାଜୁ ସେବନ ଠାରୁ ଦୂରେଇ ରୁହନ୍ତୁ ।

ପେଟ ଗ୍ୟାସ୍ : କାଜୁରେ ଥିବା ଫାଇବର ସ୍ୱାସ୍ଥ୍ୟ ପାଇଁ ବହୁତ ଉପଯୋଗୀ ହୋଇଥାଏ । କିନ୍ତୁ ଅଧିକ ମାତ୍ରାରେ ଫାଇବର ପେଟ ଫୁଲିବା ବା ଗ୍ୟାସ ପରି ସମସ୍ୟାକୁ ଉତ୍ପନ କରିଥାଏ । ତେଣୁ ଏହିପରି ସମସ୍ୟା ଥିବା ବ୍ୟକ୍ତିମାନେ କାଜୁ ଖାଇବା ଉଚିତ୍ ନୁହେଁ ।


ମୋଟାପଣ : ଆପଣ ଯଦି ନିଜର ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି ତେବେ ଅଧିକ ମାତ୍ରାରେ କାଜୁ ସେବନ କରନ୍ତୁ ନାହିଁ । କାରଣ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, କାଜୁରେ ବହୁତ ମାତ୍ରାରେ କ୍ୟାଲୋରୀ ଥାଏ । ଯାହାକି ଶରୀରର ଓଜନ ବୃଦ୍ଧି କରିଥାଏ । ତେଣୁ ଯେଉଁ ବ୍ୟକ୍ତିମାନଙ୍କର ମୋଟପାଣ ସମସ୍ୟା ଅଛି ସେମାନେ କାଜୁ ଠାରୁ ନିଜକୁ ଦୂରେଇ ରଖନ୍ତୁ ।

ଉଚ୍ଚ ରକ୍ତଚାପ : କାଜୁରେ ବହୁତମାତ୍ରାରେ ସୋଡିୟମ ରହିଥାଏ । ଯାହାକି ଅଧିକ ମାତ୍ରାରେ ସେବନ କରିବା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ତେବେ ଏପରି ସ୍ଥିତିରେ ଯଦି ଆପଣଙ୍କର ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ଥାଏ ତା ହାଲେ ଆପଣ କାଜୁ ଖାଆନ୍ତୁ ନାହିଁ । କାରଣ ଏହା ଶରୀରରେ ସୋଡିୟମର ମାତ୍ରାକୁ ବୃଦ୍ଧି କରିଥାଏ ।ଫଳରେ ଶରୀରରେ ଉଚ୍ଚ ରକ୍ତଚାପ, ଚିନ୍ତା, ଏବଂ ହୃଦଘାତ ପରି ସମସ୍ୟା ସୃଷ୍ଟି କରେ ।



# ଘର ବାଲକୋନୀରେ ବା ଅଗଣାରେ ଏହି ପକ୍ଷୀ ଦେଖାଦେଲେ ଖୋଲିଯିବ ଭାଗ୍ୟ

ଜୀବନରେ ସର୍ବଦା ଦୁଇ ପ୍ରକାରର ସମୟ ଜୀବନରେ ଦେଖାଯାଇଥାଏ । ତାହା ହେଉଛି ଦୁଃଖ ଏବଂ ସୁଖ । ତେବେ ଧର୍ମ, ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରକୁ ଛାଡି ଶକୁନ ଶାସ୍ତ୍ରରେ ଏମିତି କିଛି ଶୁଭ-ଅଶୁଭ ସଙ୍କେତ ଦେଇଥାନ୍ତି । ଆଜି ଆମେ ଏମିତି ଏକ ଘଟଣା କଥା କହିବୁ ଯାହା ହେବା ଦ୍ୱାରା ଆପଣଙ୍କ ଭାଗ୍ୟ ଖୋଲିଯିବ ।



♦ ଅଗଣାରେ କିମ୍ବା ବାଲକୁନିରେ ଯଦି ଘରଚଟିଆ ଚଢେଇ ଆସି ପହଁଚେ ତେବେ ଏହା ଅତ୍ୟନ୍ତ ଶୁଭ ଦାୟକ । ସକାଳୁ ସକାଳୁ ଯଦି ଏମାନେ ଯିବା ଆସିବା କରନ୍ତି ତେବେ ଏହା ଅତ୍ୟନ୍ତ ଶୁଭ ଦାୟକ ଘର ପାଇଁ । ଏମାନେ ଆସିବା ଦ୍ୱାରା ଆପଣଙ୍କ ଜୀବନରେ ଖୁସି , ସଫଳତା ଏବଂ ଧନ ଆସିବାର ସମ୍ଭାବନା ରହିଛି ।

♦ ହିନ୍ଦୁ ଶାସ୍ତ୍ରରେ ଗୋରୁଙ୍କୁ ପୂଜା କରାଯିବା ସହ ଗୋବରକୁ ମଧ୍ୟ ଶୁଭ ମନାଯାଏ । ତେବେ ଆପଣଙ୍କ ଘର ସାମ୍ନାକୁ ଯଦି ଗାଇ ଆସୁଛନ୍ତି ଏବଂ ଗୋବର କରି ଯାଉଛନ୍ତି ତେବେ ଆପଣ ଗୋମାତାଙ୍କୁ ନ ମାରି ଖାଇବାକୁ ଦିଅନ୍ତୁ । ଏହାମଧ ଆପଣଙ୍କ ଭଲ ଦିନ ଆସିବାର ସଂକେତ ପ୍ରଦାନ କରିଥାଏ ।

♦ ସକାଳୁ ସକାଳୁ ଯଦି ଆପଣ ପୂଜା ହୋଇଥିବା ନଡିଆ, ବା ମନ୍ଦିରରେ ଘଣ୍ଟି, ଶଙ୍ଖ ବାଜୁଥିବାର ଶୁଣିବେ ତାହା ଆପଣଙ୍କୁ ଏହା ସୂଚାଇ ଥାଏ ଯେ, ଆଗକୁ ଆପଣ ସଫଳତା ହାସଲ କରିବାକୁ ଯାଉଛନ୍ତି ।

# ଗାଈ ବନାମ ମଇଁଷି; କାହାର ଘିଅ ସ୍ୱାସ୍ଥ୍ୟ ପାଇଁ ଭଲ ?

ଘିଅ ଭାରତୀୟ ଖାଦ୍ୟର ଅନ୍ୟ ଏକ ସ୍ୱତନ୍ତ୍ର ପରିଚୟ। ଘରେ ଘରେ ପିଠା-ପଣାଠୁ ଆରମ୍ଭ କରି ଠାକୁର ପୂଜା ପର୍ଯ୍ୟନ୍ତ ଘିଅ ଆଗ ଖୋଜା ପଡ଼େ। କିନ୍ତୁ ଘିଅର ମାନକୁ ନେଇ ଅନେକ ସମୟରେ ଚର୍ଚ୍ଚା ହୁଏ। କେଉଁ ଘିଅ ଭଲ ସେନେଇ ଦ୍ୱନ୍ଦ୍ୱ ଉପୁଜେ। ଏସବୁ ମଧ୍ୟରେ ଗାଈ ଓ ମଇଁଷି ଘିଅକୁ ନେଇ ଯଦି କିଛି ଦ୍ୱନ୍ଦ୍ୱ ରହିଛି, ତେବେ ଏହି ଆଲେଖ୍ୟ ପଢନ୍ତୁ ଏବଂ କେଉଁ ଘିଅ ଭଲ, ଜାଣନ୍ତୁ...





ଆୟୁର୍ବେଦ କ'ଣ କୁହେ: ଆୟୁର୍ବେଦରେ ମଇଁଷି ଘିଅ ତୁଳନାରେ ଗାଈ ଘିଅକୁ ଉଚ୍ଚରେ ରଖାଯାଇଛି। ଗାଈ ଘିଅରେ ଅଧିକ ଔଷଧୀୟ ଗୁଣ ଥିବା ଆୟୁର୍ବେଦ ଚିକିତ୍ସା ପଦ୍ଧତି ବିଶ୍ୱାସ କରେ। ଏଥିସହ ଗାଈ ଘିଅକୁ ମଧ୍ୟ ସାତ୍ତ୍ୱିକ ଖାଦ୍ୟ ଭାବେ ବିବେଚନା କରାଯାଏ। ଗାଈ ଘିଅ ଖାଇବା ଦ୍ୱାରା ମନରେ ଏକ ପ୍ରକାର ସକରାତ୍ମକ ଉର୍ଜା ସୃଷ୍ଟି ହୋଇଥାଏ ବୋଲି ଆୟୁର୍ବେଦ କହେ।

ଓଜନ ପରିଚାଳନା : ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତି ମଇଁଷି ଘିଅଠୁ ଦୂରେଇ ରହିବା ଉଚିତ୍। କାରଣ ମଇଁଷି ଘିଅରେ ଚର୍ବି ଅଧିକ ଥିବାରୁ ଏହାକୁ ଖାଇବା ଦ୍ୱାରା ଓଜନ ବଢିବାର ସମ୍ଭାବନା ଅଧିକ ଥାଏ। ଯଦି ଆମେ ତୁଳନା କରିବା, ତେବେ ଗାଈ ଘିଅରେ ଖୁବ୍ କମ୍ ଚର୍ବି ଥାଏ, ତେଣୁ ଏହାକୁ ଖାଇବା ଦ୍ୱାରା ବିଶେଷ ଓଜନ ବୃଦ୍ଧି ପାଇନଥାଏ।

ଅସ୍ଥି ସ୍ୱାସ୍ଥ୍ୟ : ଅସ୍ଥି ବା ହାଡ଼ ସ୍ୱାସ୍ଥ୍ୟ ପାଇଁ ମଇଁଷି ଘିଅ ସର୍ବୋତ୍ତମ ହୋଇପାରେ। କାରଣ ଏଥିରେ ଥିବା ଚର୍ବି ଅସ୍ଥି ସ୍ୱାସ୍ଥ୍ୟକୁ ବୁଷ୍ଟ ଯୋଗାଇଥାଏ। ଏଥିସହ ମୌସୁମୀ କାରଣରୁ ହେଉଥିବା ଥଣ୍ଡା-କାଶକୁ ଦୂର କରିପାରେ ମଇଁଷି ଘିଅ। ତେଣୁ ଏସବୁ କ୍ଷେତ୍ରରେ ମଇଁଷି ଘିଅ ଖାଇବା ଲାଭଦାୟକ ହୋଇପାରେ।

ହଜମ : ଯେଉଁମାନଙ୍କର ଦୁର୍ବଳ ହଜମ ଶକ୍ତି ଥାଏ, ସେମାନେ ଆଦୌ ମଇଁଷି ଘିଅ ଖାଇବା ଉଚିତ୍ ନୁହେଁ। ଏହା ତୁଳନାରେ ଗାଈ ଘିଅକୁ ସର୍ବୋତ୍ତମ ଭାବେ ବିବେଚନା କରାଯାଏ। କାରଣ ଗାଈ ଘିଅର ହଜମ ହାର ୯୬%। ଏହା ତୁଳନାରେ ମଇଁଷି ଘିଅର ହଜମ କ୍ଷମତା ଖୁବ୍ ଧୀର। ତେଣୁ ଦୁର୍ବଳ ହଜମ ଶ୍ରେଣୀର ଲୋକଙ୍କ ପାଇଁ ଗାଈ ଘିଅ ଭଲ।

କୋଲେଷ୍ଟ୍ରଲ : କୋଲେଷ୍ଟ୍ରଲ ସମସ୍ୟାରେ ଗତି କରୁଥିବା ଲୋକେ ଆଦୌ ମଇଁଷି ଘିଅ ଖାଇବା ଉଚିତ୍ ନୁହେଁ। କାରଣ ଏଥିରେ ଅତ୍ୟଧିକ ଚର୍ବି ଥାଏ। ଅଧିକ ଚର୍ବି ଥିବାରୁ ଏହା କୋଲେଷ୍ଟ୍ରଲ ରୋଗୀଙ୍କ ପାଇଁ ହାନିକାରକ ହୋଇପାରେ। ତେଣୁ କୋଲେଷ୍ଟ୍ରଲ ରୋଗୀଙ୍କ ପାଇଁ ଗାଈ ଘିଅ ଭଲ। ଅହମଦାବାଦର ଡାଏଟିସିଆନ ଶ୍ରୁତି ଭରଦ୍ୱାଜଙ୍କ କହିବା ଅନୁସାରେ, ଗାଈ ଘିଅରେ ପ୍ରଚୁର ପରିମାଣରେ ପଲିଅନସାଚ୍ୟୁରେଡେଟ୍ ଫ୍ୟାଟି ଏସିଡ୍ ଥାଏ, ଯେଉଁଥିରେ ସ୍ୱାସ୍ଥ୍ୟ ଉପକାରୀ ଚର୍ବି ଥାଏ। କିନ୍ତୁ ମଇଁଷି ଘିଅରେ ଅଧିକ ପରିମାଣରେ ସାଚ୍ୟୁରେଟେଡ ଏସିଡି ରହିଥାଏ, ଏହାକୁ ହାନିକାରକ ଭାବେ ବିବେଚନା କରାଯାଏ।

ପୁଷ୍ଟିକର : ଉଭୟ ଗାଈ ଓ ମଇଁଷି ଘିଅରେ ପୁଷ୍ଟିକରର ସ୍ୱତନ୍ତ୍ରତା ରହିଛି। ଦେଶୀ ଗାଈ ଘିଅରେ ଅସଂଖ୍ୟ ଖଣିଜ ପଦାର୍ଥ, କ୍ୟାଲସିୟମ୍, ଭିଟାମିନ୍, ପ୍ରୋଟିନ୍ ଥାଏ ଏବଂ ଏହାକୁ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ ଭାବେ ବିବେଚନା କରାଯାଏ। ଦେଶୀ ଗାଈ ଘିଅ କେଶ ଏବଂ ଚର୍ମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ସେହିପରି ମଇଁଷି ଘିଅରେ ମଧ୍ୟ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଫସଫରସ୍ ଭଳି ଅତ୍ୟାବଶ୍ୟକ ଉପାଦାନ ଭରପୂର ପରିମାଣରେ ଥାଏ।

ଛୋଟ ପିଲାଙ୍କ ପାଇଁ କେଉଁ ଘିଅ ଭଲ : ସମସ୍ତ ବୟସ ବର୍ଗର ଲୋକମାନେ ଗାଈ ଘିଅ ଖୁବ୍ ଭଲ। କିନ୍ତୁ ମଇଁଷି ଘିଅ କେବଳ ଶାରୀରିକ ଭାବରେ ଶକ୍ରିୟ ଥିବା ବ୍ୟକ୍ତିଙ୍କ ପାଇଁ ଲାଭଦାୟକ। ଅର୍ଥାତ୍ ଯେଉଁମାନେ ଚଳପ୍ରଚଳ କରୁଥିବେ କିମ୍ବା ଶାରୀରିକ ପରିଶ୍ରମ କରୁଥିବେ, ସେମାନଙ୍କ ପାଇଁ ମଇଁଷି ଘିଅ ଭଲ। ସେ ଦୃଷ୍ଟିରୁ ଛୋଟ ପିଲାମାନେ ଗାଈ ଘିଅ ଖାଇବା ଉଚିତ୍ ହେବ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ଡିସେମ୍ବର ୨୦୨୪, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଡ଼କ ସୁରକ୍ଷା ଚିନ୍ତା...

ଅତ୍ୟାଧୁନିକ ବିଜ୍ଞାନ ଉପଯୋଗରେ ସଡ଼କ ସୁରକ୍ଷା ପାଇଁ ନିକଟରେ ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଆଇଆଇଟି-ମାଡ୍ରାସ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଅଭିନବତାକୁ ସୁରକ୍ଷା କ୍ଷେତ୍ରରେ ପ୍ରୟୋଗ କରିବାର ଏହୁ ସାଧୁ ଉଦ୍ୟମ ସମୟୋପଯୋଗୀ, ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ। ଏଥିରେ ମୁଖ୍ୟତଃ '୪-ଇ' ମଡେଲ୍ ଉପଯୋଗରେ ଯୋଜନା ପ୍ରସ୍ତୁତ ହୋଇଛି। ଏହି ମଡେଲ୍‌ର ପ୍ରତିଟି ଇଂରାଜୀ ଅକ୍ଷର 'ଇ' ଇଞ୍ଜିନିୟରିଂ ବା ଯାନ୍ତ୍ରିକ ବିଜ୍ଞାନ(ରାସ୍ତା ଓ ମୋଟରଯାନ), ଏନ୍‌ଫୋର୍ସମେଣ୍ଟ ବା ପ୍ରବର୍ତ୍ତନ, ଏମର୍ଜେନ୍ସି କେୟାର ବା ଜରୁରିକାଳୀନ ସେବା ଓ ଏଜୁକେଶନ୍ ବା ଶିକ୍ଷା(ସଡ଼କ ସୁରକ୍ଷା ସମ୍ବନ୍ଧିତ)କୁ ସୂଚାଉଛି। ତାତ୍ତ୍ୱିକ ଦୃଷ୍ଟିରୁ ଏହା ସର୍ବାଦୌ ଉପଯୋଗୀ ମନେ ହେଉଥିଲେ ମଧ ବାସ୍ତବତା ପ୍ରତି ଅଧିକ ଯତ୍ନଶୀଳ ହେଲେ ଯୋଜନାର ସୁଫଳ ଆହୁରି ପ୍ରଭାବଶାଳୀ ଓ ବିସ୍ତାରିତ ହୁଅନ୍ତା ବୋଲି ବିଶେଷଜ୍ଞ ମହଲରୁ ମତ ପ୍ରକାଶ ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଆମ ଦେଶରେ ଦୈନିକ ୪୭୪ ବା ପ୍ରତି ତିନିମିନିଟ୍‌ରେ ଜଣେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏଥିରେ ଦେଶର ମୋଟ ଘରୋଇ ଉତ୍ପାଦର ୩-୫% ନଷ୍ଟ ହେଉଛି। ଏହାର ନିରାକରଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେ ହାତ ବାନ୍ଧି ବସିଛନ୍ତି ତା' ନୁହେଁ। ସରକାରୀ କଳ ସହିତ ବେସରକାରୀ ସଂଗଠନ, ବ୍ୟକ୍ତିବିଶେଷ ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ବ୍ୟସ୍ତବହୁଳ ସଡ଼କ ପଥଗୁଡ଼ିକୁ ଦୁଇଥାକିଆରୁ ଆଠଥାକିଆ କରାଯାଉଛି। ଟ୍ରାଫିକ୍ ସମସ୍ୟା ଏଡ଼ାଇବା ଲାଗି ବହୁଳ ପୁଞ୍ଜି ବିନିଯୋଗରେ ଓଭରବ୍ରିଜ୍, ଫ୍ଲାଏଓଭର ନିର୍ମାଣ ହେଉଛି। ଦ୍ରୁତଗତିରେ ଗାଡ଼ି ଚାଳନାକୁ ନିରୁତ୍ସାହିତ କରିବା ଲାଗି ଜାତୀୟ/ରାଜ୍ୟ ରାଜପଥ ପାର୍ଶ୍ୱରେ ସ୍ପିଡ୍ ଇଣ୍ଡିକେଟର ଓ ସ୍ପିଡ୍ ବ୍ରେକର ବ୍ୟବସ୍ଥା ରହିଛି। ତଥାପି ସଡ଼କ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ବଢ଼ିବାରେ ଲାଗିଛି। ଏହାପଛରେ କେତେକ ଅଦୃଶ୍ୟ କାରକ ରହିଥିବାରୁ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣକୁ ଆସିପାରୁନାହିଁ। ସଡ଼କ ଦୁର୍ଘଟଣା ପଛରେ ମୁଖ୍ୟକାରଣ ହେଉଛି ଯାନବାହନ ସଂଖ୍ୟା ବୃଦ୍ଧି। ବିଶ୍ୱର ତୃତୀୟ ବୃହତ୍ତମ ସଡ଼କ ଭିତ୍ତିଭୂମି ବିଶିଷ୍ଟ ରାଷ୍ଟ୍ର ଭାରତରେ ଗମନାଗମନ ଓ ପରିବହନ ପାଇଁ ସଡ଼କ ହିଁ ମୁଖ୍ୟ ଅବଲମ୍ବନ ବା ମାଧ୍ୟମ(୬୦%) ହୋଇଆସିଛି। ଆମ ଦେଶ ପ୍ରଥମ ନିର୍ବାଚନର ସାମ୍ନା କରିବା ସମୟରେ ଅର୍ଥାତ୍ ୧୯୫୧ ମସିହାରେ ମୋଟ ପଞ୍ଜିକୃତ ଯାନବାହନ ସଂଖ୍ୟା ୩ ଲକ୍ଷ ୬ ହଜାର ଥିବା ବେଳେ ଏହା ଏବେ ବାର୍ଷିକ ହାରାହାରି ୧ କୋଟି ୮୦ ହଜାର ୩୬ ଲକ୍ଷ ହାରରେ ବଢ଼ି ୨୦୨୨ ସୁଦ୍ଧା ୩୫ କୋଟି ୪୦ ଲକ୍ଷ ୧୮ ହଜାରରେ ପହଞ୍ଚିଛି। ୨୦୨୪ ସୁଦ୍ଧା ଏହା ଆନୁମାନିକ ୪୦ କୋଟି ଟପି ଯାଇପାରେ। ସେଥିମଧ୍ୟରୁ ପଞ୍ଜିକୃତ ଦୁଇଚକିଆ ଯାନ ସଂଖ୍ୟା ୨୦୨୨ ସୁଦ୍ଧା ୨୬ କୋଟି ୩୩ ଲକ୍ଷ ୭୮ ହଜାର। କେବଳ ୨୦୨୩-୨୪ ଆର୍ଥିକ ବର୍ଷରେ ସମଗ୍ର ଦେଶରେ ୧୮ ନିୟୁତ ଦୁଇଚକିଆ ଯାନ ବିକ୍ରି ହୋଇଥିଲା। ଓଡ଼ିଶାରେ ୨୦୨୦ ସୁଦ୍ଧା ୯୧ ଲକ୍ଷ ୧୬ ହଜାର ପଞ୍ଜିକୃତ ଯାନ ଥିବା ବେଳେ ଚାରିବର୍ଷ ଭିତରେ ତାହା କେତେ ବୃଦ୍ଧି ପାଇଥିବ ଅନୁମେୟ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଆପାର୍ଟମେଣ୍ଟ, ବାସଗୃହ ସହିତ ଗାଡ଼ି ସଂଖ୍ୟାରେ ଦ୍ରୁତ ବୃଦ୍ଧି ପାର୍କିଂ ପାଇଁ ସ୍ଥାନାଭାବ ସମସ୍ୟା ସୃଷ୍ଟି କରୁଛି। ଏକଦା ମୋଟରଯାନ ଆମ ଆବଶ୍ୟକତା ଥିଲା। କିନ୍ତୁ ଏହା ଏବେ ପ୍ରତିଷ୍ଠା, ଆଭିଜାତ୍ୟ ଓ ଆତ୍ମସମ୍ମାନର ପ୍ରତୀକ ପାଲଟି ଯାଇଛି। କିଏ କେତେ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ଗାଡ଼ି କିଣି ପାରୁଛି ତାହା ଏବେ ପ୍ରତିଯୋଗିତାର ରୂପ ନେଇଛି। ଏପରିକି ପରିବାରର ଲୋକସଂଖ୍ୟାଠାରୁ ଗାଡ଼ି ସଂଖ୍ୟା ବଢ଼ିବାରେ ଲାଗିଛି। ଯୁବପିଢ଼ିଙ୍କ ପାଇଁ ଦୁଇଚକିଆ ଯାନ ସତେଯେପରି ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଯାଇଛି। ଭାରତୀୟଙ୍କ ଏହି ମାନସିକତାର ସୁଯୋଗ ନେଇ ଭାରତୀୟ ବଜାରରେ ଦିନକୁ ଦିନ ବହୁଦେଶୀୟ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ମୋଟରଯାନ ନିର୍ମାତା ସଂଖ୍ୟା ବଢ଼ିବାରେ ଲାଗିଛି। ଭାରତରେ ଏବେ ପ୍ରତିଦିନ ୫୩, ୭୦୦ ଗାଡ଼ି ପଞ୍ଜିକୃତ ହେଉଛି। ବ୍ୟାଙ୍କ ଓ ଘରୋଇ ଫାଇନାନ୍ସ କମ୍ପାନୀମାନଙ୍କର କୋହଳ ଋଣ ବ୍ୟବସ୍ଥାକୁ ଏହାର କାରଣ ରୂପେ ବିଚାର କରାଯାଇପାରେ। ବହୁଦେଶୀୟ କମ୍ପାନୀମାନେ ଭାରତୀୟ ବଜାରରୁ ପ୍ରଭୂତ ଲାଭ ଅର୍ଜନ କରୁଥିବା ବେଳେ ଭାରତରେ ଜୀବାଶ୍ମ ଇନ୍ଧନ ଦହନ ଜନିତ ପରିବେଶ ପ୍ରଦୂଷଣ ସହିତ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ୨୦୨୨ରେ ଦୁଇଚକିଆ ଯାନ ଦୁର୍ଘଟଣା ସଂଖ୍ୟା ଥିଲା ୩୨.୯ ହଜାର। ଗତ ପାଞ୍ଚ ବର୍ଷ ଭିତରେ ଓଡ଼ିଶାରେ କିଶୋରମାନଙ୍କ ଗାଡ଼ି ଚାଳନା ଯୋଗୁଁ ୩୫୦ ସଡ଼କ ଦୁର୍ଘଟଣା ଘଟି ୨୫ଟି ମୃତ୍ୟୁ ହୋଇଛି। ଯୁବପିଢ଼ିଙ୍କ ଗାଡ଼ି ଚଳାଇବାର ଉନ୍ମାଦକୁ ନିରୁତ୍ସାହିତ କରିବା ଲାଗି ୧୮ ବର୍ଷରୁ କମ୍ ବୟସର ଚାଳକଙ୍କୁ ଲାଇସେନ୍ସ ପ୍ରଦାନ ନ କରିବା ଲାଗି ନିୟମ ରହିଛି। ଏଥିପାଇଁ ଜରିମାନା ବ୍ୟବସ୍ଥା ମଧ କରାଯାଇଛି। କେବଳ ଓଡ଼ିଶାରେ ଚଳିତ ବର୍ଷ ଅଦ୍ୟାବଧି ୩୫୦ରୁ ଉର୍ଦ୍ଧ୍ୱ ଗାଡ଼ି ଜବତ ହେବା ସହିତ ୪ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଜୋରିମାନା ଆଦାୟ ହୋଇସାରିଛି। ସମ୍ପୃକ୍ତ ଅଭିଭାବକଙ୍କୁ ଚେତାବନୀ ମଧ ଦିଆଯାଇଛି। ଶିକ୍ଷାନୁଷ୍ଠାନମାନଙ୍କରେ ନିୟମିତ ସଚେତନତା ଶିବିରମାନ ଖୋଲାଯାଇ ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। କିନ୍ତୁ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଆହୁରି ଅବନତି ହେବାରେ ଲାଗିଛି। ତେଣୁ ଆଇଆଇଟି ମାଡ୍ରାସ ମଡେଲ୍‌ର ଦୁଇଟି ଆଧାର ପୂର୍ବରୁ ପ୍ରଚଳିତ ହୋଇ ବିଫଳ ହୋଇଥିବାର ଦୃଷ୍ଟାନ୍ତ ବହୁଳ।

## ଚର୍ଚ୍ଚିତ ମହିଳା କ୍ଷେତ୍ରରେ ସ୍ମୃତିରେ ୨୦୨୪



### ଡଃ.ଅରୁନ୍ଧତୀ ଦେବୀ

ବର୍ଷଟି ବଦଳିଛି। ଏହି ବିଦାୟୀ ବର୍ଷରେ ଅନେକ ମହିଳା ଚର୍ଚ୍ଚା ସୃଷ୍ଟି କରିବା ସହ ସମାଜରେ ନିଜ ସ୍ୱତନ୍ତ୍ରତା ଜାହିର କରିପାରିଛନ୍ତି। କ୍ରୀଡ଼ା ଠାରୁ ସୃଜନଶୀଳତା, କୃଷି ଠାରୁ ରାଜନୀତି, ସମାଜ ସେବା ଠାରୁ ଶିକ୍ଷା କ୍ଷେତ୍ର ସବୁଠି ମହିଳା ମାନଙ୍କ ପ୍ରତିଭାର ସ୍ୱତନ୍ତ୍ରତା ଭିତରେ ବିଦାୟ ନେଇଛି ୨୦୨୪। ଏହିପରି କିଛି ପ୍ରମୁଖ ମହିଳା ବ୍ୟକ୍ତିତ୍ୱଙ୍କ ସୃଜନ ନୈପୁଣ୍ୟତା ସମ୍ପର୍କରେ ଆଲେଖ୍ୟ।

କ୍ରିଷ୍ଟିନା ମିସ୍ ୱାର୍ଲ୍ଡ ଏବଂ ଭିକ୍ଟୋରିଆ ମିସ ୟୁନିଭର୍ସ : ଚେକ ରିପବ୍ଲିକର କ୍ରିଷ୍ଟିନା ପିସ୍‌କୋଭା ଚଳିତ ବର୍ଷର ମସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ହୋଇଛନ୍ତି। ସେହିଭଳି ଚଳିତ ବର୍ଷ ମିସ ୟୁନିଭର୍ସ ମୁକୁଟ ପିନ୍ଧିଥିଲେ ଡେନମାର୍କର ୨୧ ବର୍ଷୀୟା ଭିକ୍ଟୋରିଆ କଜେର। ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଡେନମାର୍କର ଏହା ଥିଲା ପ୍ରଥମ ବିଜୟ। ମେକ୍ସିକୋର ମାରିଆ ଫର୍ନାଣ୍ଡା ବେଲଟ୍ରାନ ପ୍ରଥମ ରନର ଅପ୍ ହୋଇଥିଲେ। ଓଡ଼ିଶା କୁଇନ୍ ମୁକୁଟ ପିନ୍ଧିଲେ ରାମିୟା ହୁଇ : ଆର.ଆର.ଇଭେଣ୍ଟସ ଆଣ୍ଡ ସିନେ ପ୍ରଡ଼କ୍ସନ ପକ୍ଷରୁ ଚଳିତ ବର୍ଷ ଓଡ଼ିଶା କୁଇନ ୨୦୨୪ର ଗ୍ରାଣ୍ଡ ଫିନାଲେ ରେଳ ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରର ରାମିୟା ହୁଇ ବିଜୟିନୀ ହୋଇ ଓଡ଼ିଶା କୁଇନ ମୁକୁଟ ପିନ୍ଧିଥିଲେ। ଆମେରିକାର ଧ୍ରୁବୀ ପଟେଲ ମିସ ଇଣ୍ଡିଆ ୱାର୍ଲ୍ଡୱାଇଡ଼ : ଆମେରିକାର କମ୍ପ୍ୟୁଟର ଇନଫର୍ମେସନ ସିଷ୍ଟମ ଛାତ୍ରୀ ଧ୍ରୁବୀ ପଟେଲ ହୋଇଥିଲେ ଚଳିତ ବର୍ଷର ମିସ ଇଣ୍ଡିଆ ୱାର୍ଲ୍ଡ ୱାଇଡ ବିଜେତା। ଏହି ପ୍ରତିଯୋଗିତାରେ ସୁରିନାମର ଲିସା ଆବଡୋଲହକ୍ ପ୍ରଥମ ରନରଅପ ହୋଇଥିଲେ। ମିସେସ ବର୍ଗରେ ତ୍ରିନିଦାଦ ଏବଂ ଟବାଗୋର ସୁ ଆନ ମୌଜେଟ ବିଜେତା ହୋଇଥିବା ବେଳେ ସ୍ନେହ ନାମ୍ବିଆର ପ୍ରଥମ ଏବଂ ପଓ୍ୱନଦ୍ୱୀପ କୌର ଦ୍ୱିତୀୟ ରନରଅପ ହୋଇଥିଲେ। ପ୍ରଥମ ମିସ ଏଆଇ ମୁକୁଟ : ମରକ୍କୋର ଲାଇଫ ଷ୍ଟାଇଲ ଇନଫ୍ଲୁଏନ୍ସର ତଥା ଏଆଇ ଜେନେରେଟେଡ ମଡ଼େଲ କେନଜା ଲେଲି ବିଶ୍ୱର ପ୍ରଥମ ମିସ ଏଆଇ ମୁକୁଟ ପିନ୍ଧିଛନ୍ତି। ସେ ୧୫୦୦ରୁ ଅଧିକ କମ୍ପ୍ୟୁଟରାଇଜଡ଼ ପ୍ରତିଯୋଗୀଙ୍କୁ ପରାସ୍ତ କରି ଏହି ଟାଇଟଲ ହାସଲ କରିଛନ୍ତି। ଭିନେଶ ଫୋଗଟ୍ : ଅଲିମ୍ପିକ୍ସ ଖେଳାଳୀ ଭିନେଶ ଫୋଗଟଙ୍କୁ ନେଇ ଏ ବର୍ଷ ଖୁବ ଚର୍ଚ୍ଚା ହୋଇଥିଲା। କୁସ୍ତିଯୋଦ୍ଧା ବର୍ଗରେ ଏ ବର୍ଷ ଭାରତର ପ୍ରଥମ ମହିଳାଭାବେ ଅଲିମ୍ପିକ୍ସ ଫାଇନାଲରେ ପହଞ୍ଚିଥିଲେ ବି ଶେଷ ମୁହୂର୍ତ୍ତରେ ବାଦ ପଡ଼ିଥିଲେ।

ଓଡ଼ିଶାର ନାଇମା ଏଏମୟୁର ପ୍ରଥମ ମହିଳା କୁଳପତି : ଉତ୍ତର ପ୍ରଦେଶରେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟର ଏଏମୟୁର ପ୍ରଥମ ମହିଳା କୁଳପତି ଭାବେ ଏ ବର୍ଷ ନିଯୁକ୍ତି ପାଇଥିଲେ ନାଇମା ଖାତୁନ ଗୁଲରେଜା। ଯାଜପୁର ଜିଲ୍ଲାରେ ତାଙ୍କ ଘର। ଏଏମୟୁର ୧୦୦ ବର୍ଷ ଇତିହାସରେ ସେ ହୋଇଛନ୍ତି ପ୍ରଥମ ମହିଳା କୁଳପତି। ସେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ୧୯୮୮ରେ ସେହି ବିଭାଗରେ ଅଧାପକ ଭାବରେ ଚାକିରି ଆରମ୍ଭ କରିଥିଲେ। ୨୦୦୬ରେ ପ୍ରଫେସର ପଦକୁ ପଦୋନ୍ନତି ପାଇଥିଲେ। ତେବେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରେ ବହୁ ପ୍ରଶାସନିକ ପଦବୀରେ ସେ କାର୍ଯ୍ୟ କରିଛନ୍ତି। ରଚେଲ ଗୁପ୍ତା 'ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ' : ଭାରତର ରଚେଲ ଗୁପ୍ତା ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ଟାଇଟଲ ହାସଲ କରି ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ବିବିସି ତାଲିକାରେ ପୂଜା : ବେସାରାହାଙ୍କ ଅନ୍ତିମ ସଂସ୍କାର କରି ସମାଜରୁ କୁସଂସ୍କାର ଦୂର କରିବା ପାଇଁ ସଂଗ୍ରାମ କରୁଥିବା ପୂଜା ଶର୍ମା ଚଳିତ ବର୍ଷ ବିବିସିର ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସମାଜରେ ପରିବର୍ତ୍ତନ ପାଇଁ ପୂଜାଙ୍କ ଯୋଗଦାନ ଅନ୍ୟ ମହିଳାଙ୍କୁ ପ୍ରେରଣା ଦେଇପାରିଛି। ସେଥିପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି।ପ୍ରଥମଥର ଏମପି : ବହୁ ଚର୍ଚ୍ଚିତ ଗାନ୍ଧୀ ପରିବାରର ଲଳନା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏ ବର୍ଷ ସକ୍ରିୟ ରାଜନୀତିକୁ ଓହ୍ଲାଇ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ସୃତି ହେଗଡେ ଭାରତର ପ୍ରଥମ ମିସ ୟୁନିଭର୍ସାଲ ପେଟ୍ରିଟ କ୍ରାଉନ : କର୍ଣ୍ଣାଟକର ହୁବୁଲିସ୍ଥିତ ଏକ ହସ୍ପିଟାଲରେ ୨୦୧୮ରୁ ଡାକ୍ତର ଭାବେ କାର୍ଯ୍ୟରତ ସୃତି ହେଗଡେ ଭାରତର ପ୍ରଥମ ମିସ ୟୁନିଭର୍ସାଲ ପେଟିଟ୍ କ୍ରାଉନ ଜିତିଛନ୍ତି। ଏହି ବିଜୟକୁ ନେଇ ସୃତିଙ୍କ ପରିବାର ଓ ଦେଶବାସୀ ଉଲ୍ଲସିତ ହୋଇଛନ୍ତି। ପ୍ରଭାବଶାଳୀ ମହିଳା ସାମାଜିକ କର୍ମୀ ଅରୁଣା : ବିବିସି ପକ୍ଷରୁ ଚଳିତ ବର୍ଷର ପାଓ୍ୱାରଲିଷ୍ଟରେ ସ୍ଥାନ ପାଇଥିବା ଭାରତୀୟଙ୍କ ମଧ୍ୟରେ ଅଛନ୍ତି ସାମାଜିକ କର୍ମୀ ଅରୁଣା ରାୟ। ନିଜର ସିଭିଲ ସର୍ଭିସ କ୍ୟାରିୟର ଛାଡ଼ି ଗ୍ରାମୀଣ ତଥା ଆର୍ଥିକ ଅନଗ୍ରସର ଲୋକଙ୍କ ଅଧିକାର ଓ ବିକାଶ ପାଇଁ ଦୀର୍ଘଦିନ ଧରି କାମ କରୁଛନ୍ତି ଅରୁଣା ରାୟ। ମଜଦୁର କିଷାନ ଶକ୍ତି ସଙ୍ଗଠନ ମାଧ୍ୟମରେ ଶ୍ରମିକମାନଙ୍କ ପାଇଁ ଅରୁଣା ଚାରି ଦଶନ୍ଧି ଧରି କାମ କରିଆସୁଛନ୍ତି।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ

## ପ୍ଲାଷ୍ଟିକ୍‌ରୁ ଆବର୍ଜନାର ବିଷ ପାହାଡ



### ବିକ୍ରମ ଦାଶ

ସମ୍ପ୍ରତି ପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟିକ ତିଆରି ପଦାର୍ଥ ସାରା ପୃଥିବୀରେ ଆବର୍ଜନାର ପିରାମିଡ୍ ତିଆରି କରୁଛି। କେବଳ ପୃଥିବୀ ନୁହେଁ, ମହାକାଶ ମଧ ଏଥିରୁ ବାଦ୍ ପଡ଼ିନାହିଁ। ସହଜ ଏବଂ ସୁଲଭରେ ମିଳିଯାଉଥିବାରୁ ଦିନକୁ ଦିନ ଏହାର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ହେଲେ ବ୍ୟବହାର ତୁଳନାରେ ପୁନଃ ପ୍ରକ୍ରିୟାକରଣ ହୋଇପାରୁ ନଥିବାରୁ ଏହା ଜୀବଜଗତ ପାଇଁ ବିପଦ ଆଣିଛି। ବିଶେଷକରି ପୃଥିବୀର ସବୁଠାରୁ ବୃହତ୍ ପରିସଂସ୍ଥାନ କୁହାଯାଉଥିବା ସମୁଦ୍ର ପରିତ୍ୟକ୍ତ ବର୍ଜ୍ୟବସ୍ତୁର ଗନ୍ତାଘର ପାଲଟିଲାଣି। ପୂର୍ବରୁ ପ୍ଲାଷ୍ଟିକ୍ ପାଣି ବୋତଲ ଯୋଗୁ ସମୁଦ୍ର ପାଣି ପ୍ରଦୂଷିତ ହେଉଥିବା ଜଣାପଡ଼ିଥିଲା। ହେଲେ କେବଳ ପ୍ଲାଷ୍ଟିକ୍ ବୋତଲ ନୁହେଁ, ବରଂ ପ୍ରତିଟି ଭଙ୍ଗା ପ୍ଲାଷ୍ଟିକ୍ ଖଣ୍ଡ, କାରଖାନାର ଛୋଟ ଛୋଟ ବର୍ଜ୍ୟବସ୍ତୁ ମାଇକ୍ରୋ ପ୍ଲାଷ୍ଟିକ୍ ଏବେ ଜଟିଳ ସମସ୍ୟା ସୃଷ୍ଟି କରିଛି। ବର୍ଜ୍ୟବସ୍ତୁକୁ ନେଇ ପ୍ରଭାବିତ ହେଉଥିବା ସାମୁଦ୍ରିକ ଜୀବନ ସମ୍ପର୍କରେ ଅଧ୍ୟୟନ କରୁଥିବା ଗୋଆସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନ୍‌ଗ୍ରାଫିର ଏ ସମ୍ପର୍କରେ ବିସ୍ତୃତ ବିଶ୍ଳେଷଣ ଅନୁଯାୟୀ ପ୍ଲାଷ୍ଟିକ୍ ପଦାର୍ଥ ଜନିତ ପ୍ରଦୂଷଣ ଆଗାମୀ ଦିନରେ ଭୟଙ୍କର ସମସ୍ୟା ସୃଷ୍ଟି କରିବା। ମନୁଷ୍ୟ ଜାତି ତିଷ୍ଠି ରହିବା ଦିଗରେ ଦେଖାଦେଇଥିବା ୧୦ଟି ପ୍ରମୁଖ ପ୍ରତିବନ୍ଧକ ମଧ୍ୟରେ ଏହା ଅନ୍ୟତମ ବୋଲି ରିପୋର୍ଟରୁ ଜଣାଯାଇଛି।

ପ୍ଲାଷ୍ଟିକ୍ ଟୁକୁଡା ସାମୁଦ୍ରିକ ଜୀବନଚକ୍ର ପ୍ରଭାବିତ କରୁଛି। ଖାଦ୍ୟ ଅନ୍ୱେଷଣରେ ଥିବା ମାଛ, ତିମି, ସିଲ୍, ସାମୁଦ୍ରିକ କଇଁଚ ପ୍ଲାଷ୍ଟିକ୍ ବ୍ୟାଗ, ବୋତଲକୁ ଖାଇଦିଅନ୍ତି। ଏହାଦ୍ୱାରା ସେମାନଙ୍କ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଏ। ଏହା ସହ ସମୁଦ୍ରର ନିମ୍ନ ଭାଗରେ ଜମି ରହୁଥିବା ବର୍ଜ୍ୟବସ୍ତୁ ପ୍ରାକୃତିକ ଖାଦ୍ୟ ତାଲିକାକୁ ମଧ ପ୍ରଭାବିତ କରିଥାଏ। ସାମୁଦ୍ରିକ ଖାଦ୍ୟକୁ ମନୁଷ୍ୟ ଖାଇବାପରେ ସେମାନେ ମଧ ପରୋକ୍ଷରେ ବିଭିନ୍ନ ରୋଗରେ ପଡ଼ିଥାନ୍ତି। ପ୍ଲାଷ୍ଟିକ୍ ଆବର୍ଜନାଜନିତ ପ୍ରଦୂଷଣର ଜଟିଳ ଚିତ୍ର ସମ୍ପର୍କରେ ଅଧ୍ୟୟନର ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିବାରେ ଲାଗିଛି। ହାରାହାରି ଜଣେ ବ୍ୟକ୍ତି ପ୍ରତିବର୍ଷ ନିଜ ଓଜନର ପରିତ୍ୟକ୍ତ ବର୍ଜ୍ୟବସ୍ତୁ ପରିବେଶରେ ଫିଙ୍ଗିଥାନ୍ତି। ଆମେରିକା ଜର୍ଣ୍ଣାଲ ସାଇନ୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ ସମୁଦ୍ର ଉପକୂଳରେ ଅବସ୍ଥିତ ଦେଶମାନଙ୍କରେ ପ୍ରତିବର୍ଷ ୨୭୫ ମିଲିୟନ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି। ସେଥିରୁ ୧୨.୭ ମିଲିୟନ ମେଟ୍ରିକ୍ ଟନ୍ ସିଧାସଳଖ ସମୁଦ୍ରରେ ମିଶୁଛି। ୨୦୧୫ରେ ୱାଶିଂଟନ ଡିସି ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ହାରାହାରି ୧୦-୨୦ ମିଲିୟନ ଟନ୍ ପ୍ଲାଷ୍ଟିକ୍ ପ୍ରତିବର୍ଷ ସମୁଦ୍ର ଜଳରାଶିରେ ପ୍ରବେଶ କରୁଛି। ସଦ୍ୟତମ ଆକଳନ ଅନୁଯାୟୀ ସମ୍ପ୍ରତି ୫.୨୫ ଟ୍ରିଲିୟନ ପ୍ଲାଷ୍ଟିକ୍ ସମୁଦ୍ରରେ ଅଛି। ଏହାଦ୍ୱାରା ପ୍ରତିବର୍ଷ ହାରାହାରି ୧୩ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ସାମୁଦ୍ରିକ ପରିବେଶ ନଷ୍ଟ ହେବାରେ ଲାଗିଛି। ପ୍ଲାଷ୍ଟିକଜାତ ଦ୍ରବ୍ୟର ବ୍ୟବହାର ଭାରତରେ ସବୁଠାରୁ ସଙ୍ଗଟମୟ ସ୍ଥିତି କରିଛି। ପ୍ରତିବର୍ଷ ହାରାହାରି ଜଣେ ଭାରତୀୟ ୮ କିଗ୍ରା ପଲିଥିନ୍ ବ୍ୟବହାର କରୁଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କହିଛି। ଏହି କ୍ରମରେ ଭାରତରେ ପ୍ରତିବର୍ଷ ୮ ମିଲିୟନ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରେ ପରିଣତ ହେଉଛି। ମାଟିରେ ମିଶୁ ନଥିବା ଶସ୍ତା ପଲିଥିନ୍ କାରଣରୁ ଏହି ସମସ୍ୟା ବଢ଼ିବାରେ ଲାଗିଛି। ନିକଟରେ ଜର୍ଜିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ପ୍ଲାଷ୍ଟିକ୍ ଜାତ ପଦାର୍ଥ ପରିଚାଳନା କରିବାରେ ଭାରତ ବିଫଳ ରାଷ୍ଟ୍ର ଭାବେ ଅଷ୍ଟମ ସ୍ଥାନରେ ରହିଛି। ଏହି କ୍ରମରେ ଚାଇନା ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ଇଣ୍ଡୋନେସିଆ, ଫିଲିପାଇନ୍ସ, ଭିଏତନାମ ଏବଂ ଶ୍ରୀଲଙ୍କା ରହିଛନ୍ତି। ପ୍ରତିଦିନ ଜଣେ ଭାରତୀୟ ହାରାହାରି ୩୪୦ ଗ୍ରାମ ପ୍ଲାଷ୍ଟିକ୍ ବ୍ୟବହାର କରୁଛନ୍ତି। ଚାଇନାରେ ଜଣେ ବ୍ୟକ୍ତି ଭାରତୀୟଙ୍କ ଠାରୁ ୩ଗୁଣା ଅଧିକ ପଲିଥିନ୍ ବ୍ୟବହାର କରିଥାନ୍ତି।

ଉପକୂଳ ଭାରତରେ ହାରାହାରି ୮୭% ବର୍ଜ୍ୟବସ୍ତୁ ପରିଚାଳନାରେ ଠିକ୍ ଭାବେ ହୋଇ ନଥାଏ। ମାନବ ସଭ୍ୟତା ପାଇଁ ପ୍ଲାଷ୍ଟିକ୍ ବିପଦ ପାଲଟିଛି। ଗୋଟିଏ ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ ୧୦୦୦ ବର୍ଷ ଯାଏ ସେମିତି ରହିଥାଏ। ଯଦି ବି ଏହା ମାଟିରେ ମିଶିଯାଏ, ତେବେ ସେଥିରୁ ବିଷାକ୍ତ ପଦାର୍ଥ ଜାତ ହୋଇଥାଏ। କେତେକାଂଶରେ ଏହା କ୍ୟାନସରର କାରଣ। ଏହି ସମସ୍ୟା ଭାରତର ୭୫୦୦ କିମି ତଟରେଖା ପାଇଁ ବିପଦ ପାଲଟିଛି। ଗୋଟିଏ ଗୋଟିଏ ମାଇକ୍ରୋପ୍ଲାଷ୍ଟିକ୍ ମନୁଷ୍ୟର ଛୋଟ ଚୁଟି ପରି। ସମୁଦ୍ର ଜୀବନର ପ୍ରାଣକେନ୍ଦ୍ର କୁହାଯାଉଥିବା ପ୍ଲାଙ୍କଟନ୍ ମଧ୍ୟରେ ଏହା ପ୍ରବେଶ କରିବା ପରେ ଜୈବିକ ଖାଦ୍ୟ ଶୃଙ୍ଖଳ ପ୍ରଭାବିତ ହୁଏ। ଅତି ଆଶ୍ଚର୍ଯ୍ୟର ବିଷୟ ଭାରତରେ ହାରାହାରି ୪୭% ପ୍ଲାଷ୍ଟିକ୍ ପୁନଃ ପ୍ରକ୍ରିୟାକରଣ କରାଯାଇଥାଏ। ଏହାର ଅର୍ଥ ଅଧାରୁ ଅଧିକ ବର୍ଜ୍ୟବସ୍ତୁ ଭାବେ ପରିବେଶରେ ମୁକ୍ତ ଭାବେ ଫିଙ୍ଗାଯାଉଛି। ଏ ପରିସ୍ଥିତିରେ ସରକାର ପ୍ଲାଷ୍ଟିକ୍ ବ୍ୟବହାର ନିୟମକୁ ଅଧିକ କଡ଼ାକଡ଼ି କରିବାକୁ ପଡ଼ିବ। ଏହାର ପରିଚାଳନା ନିମନ୍ତେ ଦୀର୍ଘ ମିଆଦୀ ଯୋଜନା ସମ୍ପର୍କରେ ଚିନ୍ତା କରିବା ସମୟ ଆସିଛି।

+ ରୋଟାରୀ କ୍ଲବ, କଟକ - ବାରବାଟୀ, ସିଡ଼ିଏ କଟକ

> ପ୍ଲାଷ୍ଟିକ୍ ଟୁକୁଡା ସାମୁଦ୍ରିକ ଜୀବନଚକ୍ର ପ୍ରଭାବିତ କରୁଛି। ଖାଦ୍ୟ ଅନ୍ୱେଷଣରେ ଥିବା ମାଛ, ତିମି, ସିଲ୍, ସାମୁଦ୍ରିକ କଇଁଚ ପ୍ଲାଷ୍ଟିକ୍ ବ୍ୟାଗ, ବୋତଲକୁ ଖାଇଦିଅନ୍ତି। ଏହାଦ୍ୱାରା ସେମାନଙ୍କ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଏ। ଏହା ସହ ସମୁଦ୍ରର ନିମ୍ନ ଭାଗରେ ଜମି ରହୁଥିବା ବର୍ଜ୍ୟବସ୍ତୁ ପ୍ରାକୃତିକ ଖାଦ୍ୟ ତାଲିକାକୁ ମଧ ପ୍ରଭାବିତ କରିଥାଏ। ସାମୁଦ୍ରିକ ଖାଦ୍ୟକୁ ମନୁଷ୍ୟ ଖାଇବାପରେ ସେମାନେ ମଧ ପରୋକ୍ଷରେ ବିଭିନ୍ନ ରୋଗରେ ପଡ଼ିଥାନ୍ତି।

## ପ୍ୟାରୀମୋହନ ଆଚାର୍ଯ୍ୟ



### ବିପିନ ବିହାରୀ ରାଉତ

୧୯୦୩ରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାର ବହୁ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ପ୍ରୟାସ ଆରମ୍ଭ କରିଥିଲେ ପ୍ୟାରୀମୋହନ ଆଚାର୍ଯ୍ୟ। ସେ ଥିଲେ ସ୍ୱାଧୀନଚେତା ଓ ମାନବବାଦୀ। ମାନବ ସମାଜର ଉନ୍ନତି କାମନା କରୁଥିଲେ। ଅନ୍ୟାୟ, ଅନୀତି, କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। କଟକ ଜିଲ୍ଲାର ମାହାଙ୍ଗାରେ ସେ ଜନ୍ମ ହୋଇଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୮୭୦ରେ ଉତ୍କଳ ପୁତ୍ର ନାମକ ପାକ୍ଷିକ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ। ଶିକ୍ଷାର ବିକାଶ ପାଇଁ ସେ ଖୋଲିଥିବା କଟକ ଏକାଡ଼େମି ନାମକ ଉଚ୍ଚ ବିଦ୍ୟାଳୟ, ଆଜି ସଗର୍ବେ ପ୍ୟାରୀମୋହନ ଏକାଡ଼େମି ଭାବେ ଛିଡ଼ା ହୋଇ ତାଙ୍କ ସ୍ମୃତିଚାରଣ କରୁଛି। ଆଜି ଓଡ଼ିଶା ଶିକ୍ଷା ମହଲରେ ପ୍ୟାରୀମୋହନ ଏକାଡ଼େମୀ ଅନ୍ୟ ବିଦ୍ୟାଳୟ ମାନଙ୍କ ପାଇଁ ଆଦର୍ଶ ପାଲଟିଛି। ପ୍ୟାରୀମୋହନ ଆଚାର୍ଯ୍ୟ ବହୁ ଗ୍ରନ୍ଥ, ବିଭିନ୍ନ ସରକାରୀ ଓ ବେସରକାରୀ ବିବରଣୀକୁ ତଥ୍ୟ ସଂଗ୍ରହ କରି ଓଡ଼ିଶାର ଇତିହାସ ଲେଖିଥିଲେ। ଓଡ଼ିଶାର ଜଣେ ବିଶିଷ୍ଟ ଜନନାୟକ ମାନବ ଚିନ୍ତନର ଜଣେ ବିଶିଷ୍ଟ ସମାଜସେବୀ ସଂସ୍କାରକ ଭାବେ ଚିରଦିନ ପାଇଁ ସେ କୋଟି କୋଟି ଓଡ଼ିଆଙ୍କ ପାଇଁ ସ୍ମରଣୀୟ ହୋଇରହିବେ। ମାହାଙ୍ଗା ଅଞ୍ଚଳର ଏହି ସାରସ୍ୱତ ସାଧନା ଓ ସମାଜସେବାର ଆଲୋକସ୍ତମ୍ଭ ସଦୃଶ ଏହି ମହାନ ବ୍ୟକ୍ତିତ୍ୱଙ୍କ ଜୀବନ କାହାଣୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ୧୮୮୧ ଡିସେମ୍ବର ୨୮ ତାରିଖ ଦିନରେ ତାଙ୍କର ପରଲୋକ ହୋଇଥିଲା। ଆଜିର କୁସଂସ୍କାର ଚିନ୍ତନ ଭାଇଚାରା ଭେଦଭାବ ଭିତରେ ନିଜକୁ ତଥା ସମାଜକୁ ସଂସ୍କାରଭିମୁଖୀ କରିବା ପାଇଁ ନିଜ ଜୀବନକୁ ଆଗେଇନେଇପାରିଲେ ଆଜି ତାଙ୍କ ମହାପ୍ରୟାଣତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ।

+ ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ






## ସମସ୍ୟା ବହୁଳ ଦୁଇହଜାର ଚବିଶି

### ଡ. ଶିଶିର କୁମାର କର



ଟଳମଳ ଖଟିଖିଆ ମଣିଷ
ଦୋଳାୟିତ ଗାଁ ଓ ସହର
ବିଷବଳୟରେ ଅନେକ ଅଞ୍ଚଳ
ଖତ ଖାଉଛି ରାଶି ରାଶି ପୁସ୍ତକ
'ପରିବେଶ ସୁରକ୍ଷା' 'ବହିତରାସ୍'
ଆଜିର ଆହ୍ୱାନ
ସନ୍ଧିକ୍ଷଣରେ ଅମକୁ ଚାଲିଗଲ ଛାଡ଼ି
ସମସ୍ୟା ବହୁଳ ବର୍ଷ 'ଦୁଇହଜାର ଚିବିଶି'।

ଦାନା ଛଡ଼ାଇ ନେଲା - 'ଦାନା'
ଅଦିନିଆଁ ବର୍ଷାରେ ଗଜା ହେଲା ପାଚିଲା
ଧାନ
ଚାଷୀ ଆଖିରେ ଲୁହ
ମଣ୍ଡି ଖୋଲିବା ଆଗରୁ ଧାନ ଗାଏବ୍
ଆଳୁ ବିହନ ବଣ୍ଟନରେ ଘୋଟାଲା
କୈଶୋର ଅପରାଧ ବଢୁଛି
ଧର୍ଷିତା ଆଖିରେ ଅମାନିଆଁ ଲୁହ
ବିଭିନ୍ନ ସହରରେ ଶିଶୁ ଚୋରି
ବିପଦ ଘେରରେ ମେଘନାଦ ପାଚେରୀ
ଜଟିଳ ତିନି ଠାକୁର ଦର୍ଶନ
ଶୃଙ୍ଖଳାରେ ହୋଇପାରୁନି କାଳିଆର ନୀତିକାନ୍ତି।

ଗତାନୁଗତିକ ରାସ୍ତାରେ ଶାସନ କଳ
ନାଁ ଓ ରଙ୍ଗ ବଦଳେଇବାରେ ବ୍ୟସ୍ତ
ସରକାରୀ ଘର ଓ ପୋଷାକ
ମନମୋହେ ନୂଆ ନୂଆ
ଲାଗେ ଓଡ଼ିଆ ଭାଷାର ଫଳକ
ଆଖି ପଡ଼ିବା ଜାଗାରେ ରଚିବାକୁ ମାୟା
ଆଠବର୍ଷ ହେଲା ସାହିତ୍ୟ ଏକାଡେମୀ
ପୁରସ୍କାର ଅଟକିଛି
ଓଡ଼ିଆ ଅସ୍ମିତା ଖାଲି କଥାରେ କଥାରେ
କାମରେ ସ୍ଥାଣୁ ନୀରବତା।

ଦୁଇଶହ ତେୟାଳିଶି ଭେଣ୍ଡିଆ
ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା
ପାଞ୍ଚବର୍ଷରେ ଦୁଇହଜାର ଛତିଶ ମହିଳା
ଅନ୍ୟ ରାଜ୍ୟକୁ ଗାଏବ୍
ଦାଦନ ଖଟୁଛି ଓଡ଼ିଆ ପୁଅ
ବାଲି ମାଫିଆଙ୍କ ଆତଙ୍କରାଜ
ଭୂତ ଖାଉଛି ରେସନ୍ କାର୍ଡ଼
ଆମ୍ୱଟାକୁଆ ତରଣ ପିଇ
ମହାନିଦ୍ରାରେ ଶାୟିତ ଆଦିବାସୀ
ବାଘ ମାଂସରେ ଚାଲୁଛି ବଣଭୋଜି
ନିଘଞ୍ଚ ଅରଣ୍ୟରେ 'ଏଆଇ' ଧରୁଛି ଶିକାରୀଙ୍କୁ
ଅମାନିଆଁକୁ ଜଗୁଛି ସିସି କେମେରା
ଚମତ୍କାର ଆମ ଶାସନ ରୀତି।
କୋଟିଆରେ ଆନ୍ଧ୍ରର ଷ୍ଟାମ୍ପ୍
ପୂର୍ବତନ ରେଳପଥ
ୱାଲ୍‌ଟିୟରକୁ ହରାଇବାର ଦୁଃଖ
ଯମୁନା ଓ ଜୀନତ୍‌ର ପଳାୟନ
ବନ ବିଭାଗକୁ ଘାରିଛି ଚିନ୍ତା
ଓଡ଼ିଶା ଉପରେ କେନ୍ଦ୍ରର ଗହମ ବୋଝ
ସଂସଦରେ ଠେଲା ପେଲା
ହାଇ ଡ୍ରାମାରେ ଆମ ସାଂସଦ ଘାଏଲ୍
ବିନା ମେଘରେ ବଜ୍ରପାତ
ରକ୍ତକ୍ଷରା ନୀତିହୀନ ରାଜନୀତି
ଜୀବନସାରା ଖଟିଖଟି ଶିକ୍ଷକ ପାଏନା
ଔଷଧ ପାଇଁ ଟଙ୍କାଟିଏ
ବିଧାୟକ ପେନସନ୍ ଭତ୍ତା ବୃଦ୍ଧି ପାଇଁ
ବାରମ୍ବାର ଗଢୁଛନ୍ତି କମିଟି।

ଉତ୍କର୍ଷ ପାଇଁ ଚାଲିଛି ପ୍ରସ୍ତୁତି
ଆମ ରାଜ୍ୟରେ ହେବ ପ୍ରବାସ-ଭାରତୀୟ ସମ୍ମିଳନୀ
ଜାତୀୟ ହକିରେ ଓଡ଼ିଶା ଚମ୍ପିୟାନ୍
ସୁଭଦ୍ରା ଯୋଜନା ଟଙ୍କା
ପାଇବା ଲାଗି 'ମା-ଝିଅ', 'ଶାଶୁ-ବୋହୂ'
ଦୌଡୁଛନ୍ତି ଜନସେବା କେନ୍ଦ୍ର
ସବଳ ହେବ ମାତୃଶକ୍ତି।

ସମଗ୍ର ପୃଥିବୀରେ ଆଜି
ତୃତୀୟ ବିଶ୍ୱଯୁଦ୍ଧର ଭୟ
ହିନ୍ଦୁ ମନ୍ଦିର ଇସ୍କନ ମଠରେ
ଖଲିସ୍ଥାନୀ ବାଙ୍ଗଲାଦେଶୀ
ଜାଳୁଛନ୍ତି ଧାର୍ମିକ ବିଦ୍ୱେଷର ନିଆଁ
ଭାରତବର୍ଷକୁ ଟ୍ରମ୍ପ୍‌ଙ୍କର ଟିକସ ଧମକ
କାନାଡ଼ାରେ ଆମ ଦେଶ ବିରୋଧୀ
ମନୋଭାବ
ନୂଆବର୍ଷ ପାଇଁ ଆଣେ ଆଶଙ୍କା
ମନରେ ଭରିଯାଏ ଅଜଣା ଭୀତି।

+ ଶ୍ରୀକଣ୍ଠପୁର
ମୋ: ୯୭୭୮୫୪୩୮୯୭

## କବିତା
ତୁମ ପାଇଁ

## ନାଆଁ ମୋର ଅଟେ ଆଖୁ
### ପ୍ରଦୀପ୍ତ କୁମାର ଦାସ



ମୁଁ ତୃଣ ଜାତୀୟ ଉଦ୍ଭିଦରେ ଗଣା
ନାଆଁ ମୋର ଅଟେ ଆଖୁ ।
ଜିଭରୁ ଯେ ଝରେ ଥପ ଥପ ଲାଳ
ମୋତେ ଟିକେ ଚାଖୁ ଚାଖୁ,
ନଅ ଫୁଟ୍ ଯାଏଁ ହୋଇଥାଏ ଡେଙ୍ଗା
ଭାରି ମିଠା ମୋର ରସ ।

ଭାଲୁ ପଶିଗଲେ କିଆରୀରେ ମୋର
ହୋଇଥାଏ ଖସ ଖସ,
ପୃଥିବୀର ଗୁଡ଼ ମାଠିଆ ବ୍ରାଜିଲ୍
ହୋଇଛି ତ ମୋର ଲାଗି ।

ମୋ ଅମୃତ ରସ ଭାରି ଉପକାରୀ
ବେଶି ବେଶି ପିଅ ମାଗି,
ମତେ ଚାଷକରି ଭାରତ ରହିଛି
ବିଶ୍ୱରେ ଦ୍ୱିତୀୟ ସ୍ଥାନେ ।

ଅଳପ ଦିନରେ ଧନୀ ହୋଇଛନ୍ତି
ମୋ ପାଇଁ ତ ଚାଷୀ ମାନେ,
ପୋଷକ ତତ୍ତ୍ୱରେ ସାରା ଦେହ ମୋର
ଅଟେ ଯେଣୁ ଭରପୁର ।

ଅନେକ ରୋଗରୁ ରକ୍ଷାକରେ ତେଣୁ
ମଧୁମେହ କରେ ଦୂର,
ପ୍ରତି ଅଙ୍ଗେ ଶକ୍ତି କରିଣ ସଂଚାର
ରକ୍ତହୀନତାକୁ ନାଶେ ।

ଜଣ୍ଡିସ୍ ପରିକା ବହୁ ପେଟରୋଗ
ହାରିଯାନ୍ତି ମୋର ପାଶେ,
ଯକୃତ ସହିତ ପାକସ୍ଥଳୀକୁ ମୁଁ
ସଦା ଯେ ସୁରକ୍ଷା ଦିଏ ।

ଶରୀରର କ୍ଷତ ଶୀଘ୍ର ସୁଖାଇଣ
ମୁହଁ ଦାଗ ପୋଛି ନିଏ,
ହାଡ଼ ମଜବୁତ୍ କରିବା ଦାୟିତ୍ୱ
ସହଜେ ତୁଲାଇ ପାରେ ।

ମୋର ଦ୍ରବ୍ୟଗୁଣ ନିକଟରେ ବହୁ
ଦାମୀ ଓଉଷଧ ହାରେ ।

+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ମୋ - ୯୪୩୭୮୫୪୧୭୫

## ଶୁଭ ଅଶୁଭ



### ପ୍ରଦ୍ୟୁମ୍ନ ପଟ୍ଟନାୟକ



ଗାଁ ମୁଣ୍ଡରେ ଗୋଟିଏ ଝଙ୍କାଳିଆ ବର ଗଛ । ସେ ଗଛରେ ରହୁଥାଆନ୍ତି କେତେ ଜାତିର ପକ୍ଷୀ । କାଉ, କୋଇଲି, ବଗ, ବଣି, କପୋତ ଡାହୁକ ଆଦି ଅଲଗା ଅଲଗା ରଙ୍ଗ ଓ ରୂପର ପକ୍ଷୀ । ପକ୍ଷୀମାନେ ସକାଳ ହେବା ମାତ୍ରେ କଚିରି ମିଚିରି ହୋଇ ଉଡ଼ି ଯାଆନ୍ତି ଆହାର ସାଉଁଟିବାକୁ । ଉଡ଼ି ବୁଲି ପେଟ ଭରିଗଲା ପରେ ବେଳବୁଡ଼କୁ ଫେରି ଆସନ୍ତି ନୀଡ଼କୁ ।

ସେହି ଗଛରେ ରହୁଥାଆନ୍ତି ଆଉ ଦୁଇଟି ପକ୍ଷୀ । ଗୋଟିଏ ବାଦୁଡ଼ି ଓ ଅନ୍ୟଟି ପେଚା । ବାଦୁଡ଼ି ଗଛ ଡାଳରେ ଓହଳି ଥାଏ । ପେଚା ଗଛ କୋରଡ଼ରେ ବସା ବାନ୍ଧି ରହୁଥାଏ । ଦୁଇଟି ଯାକ ନିଶାଚର ପକ୍ଷୀ । ଦିନରେ ବାହରକୁ ବାହାରନ୍ତି ନାହିଁ । ରାତି ହେଲେ ସେମାନେ ଖାଇବା ଖୋଜି ବାହାରି ଯାଆନ୍ତି । ବାଦୁଡ଼ି ଦୂର ଦୂରାନ୍ତକୁ ଉଡ଼ି ପିଜୁଳି, କଦଳୀ, କୋଳି ଆଦି ଫଳ ଖାଇ ଥାଏ । ସେପରି ପେଚା ଡେରି ରାତିରେ ଗଛ କୋରଡ଼ରୁ ବାହାରି ମୂଷା, ବେଙ୍ଗ ଆଦି ପୋକ ଜୋକ ଖାଇ ସକାଳ ହେବା ଆଗରୁ ଫେରି ଆସେ । କେତେକ ଲୋକ ଉଭୟ ବାଦୁଡ଼ି ଏବଂ ପେଚାଙ୍କୁ ଅଶୁଭ ପକ୍ଷୀ ଭାବରେ ଗଣନା କରନ୍ତି । କାହା ଘର ପାଖରେ ବାଦୁଡ଼ି କିମ୍ୱା ପେଚାକୁ ଦେଖିଲେ କିଛି ବିପଦ ଆସୁଥିବାର ଆଗତୁରା ସୂଚନା ବୋଲି ଭାବନ୍ତି ।

ଦିନେ ମୁନା ତା' ଜେଜେଙ୍କ ପାଖରେ ଶୋଇଥାଏ । ରାତିରେ ଫଡ ଫଡ଼ ଶବ୍ଦ ଶୁଣି ଡରିଗଲା । ଜେଜେଙ୍କ ପାଖକୁ ଘୁଞ୍ଚି ଆସିବାରୁ ଜେଜେ କହିଲେ । ଡରୁଛୁ କାହିଁକି ବାଦୁଡ଼ି ଟାଏ ପରା ଆମ ପିଜୁଳି ଗଛରେ ଆସି ବସିଛି । ଗୋଟିଏ ଦୁଇଟି ପିଜୁଳି ଖାଇ ଉଡ଼ି ଯିବ । ମୁନା ନଡ଼ରି ଶୋଇବାକୁ ଯାଉଥିଲା । ପୁଣି କିଛି ସମୟ ପରେ ଦୂରରୁ ହୁଟ୍ ହୁଟ୍ ଶବ୍ଦ ଶୁଣାଗଲା । ମୁନା ଆଗରୁ ଏମିତି ଶବ୍ଦ ଶୁଣି ନଥିଲା । ସେ ପୁଣିଥରେ ଡରି ଗଲା । ଏଥର ଜେଜେ କହିଲେ ରାତି ବେଶି ହେଲାଣି ପେଚାବି ରାବିଲାଣି । ଆଖି ବନ୍ଦ କରି ଶୋଇଯା ।

ସକାଳୁ ଉଠୁ ଉଠୁ ମୁନା ଗତ ରାତିରେ ଘର ବାଡ଼ିକୁ ବାଦୁଡ଼ି ଆସିଥିବା ଏବଂ ପେଚା ରାବିବା କଥା ସମସ୍ତଙ୍କୁ କହିଲା । ଜେଜେମା କହିଲେ ତେବେ କିଛି ଖରାପ ହେବାକୁ ଯାଉଛି । ଏହି ଦୁଇଟି ଯାକ ପକ୍ଷୀ ଅଶୁଭ । ସେଥିପାଇଁ କେହି ଘର ପାଖରେ ବାଦୁଡ଼ି କିମ୍ୱା ପେଚାକୁ ଦେଖିବାକୁ ଚାହାନ୍ତି ନାହିଁ । ସେକଥା ମୁନା ଆସି ଜେଜେଙ୍କୁ କହିବାରୁ ଜେଜେ କହିଲେ । ଅନ୍ୟ ପକ୍ଷୀ ମାନଙ୍କ ଭଳି ବାଦୁଡ଼ି ଏବଂ ପେଚା ବି ଦୁଇଟି ନୀରିହ ପକ୍ଷୀ । ସେମାନେ ଆମର କିଛି କ୍ଷତି କରନ୍ତି ନାହିଁ , ବରଂ ଉପକାର କରିଥାଆନ୍ତି । ବାଦୁଡ଼ି କିଟ ପତଙ୍ଗ, ଫସଲ ନଷ୍ଟକାରୀ ପୋକ ମାନଙ୍କୁ ଖାଇ ଦେଇ ଲୋକଙ୍କର ଉପକାର କରିଥାଏ । ସେପରି ପେଚା ମଧ ମୂଷା ଖାଇ ଚାଷୀ ମାନଙ୍କୁ ସାହାଯ୍ୟ କରିଥାଏ । ଏକଥା ଶୁଣି ଜେଜେମା କହିଲେ, ହଁ ପରା ପେଚା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ବାହନ । ଠାକୁରାଣୀ ରାତିରେ ପେଚା ଉପରେ ବିଜେ କରି ପାଚିଲା ଧାନ କିଆରି ବୁଲି ବୁଲି ଦେଖନ୍ତି । ସେତେବେଳେ ତାଙ୍କ ପାଖରେ ପେଚାକୁ ଦେଖି ମୂଷା ମାନେ ଦୌଡ଼ି ପଳାଇ ଯାଆନ୍ତି ଜଙ୍ଗଲକୁ । ଜେଜେ କହିଲେ, ତେଣୁ ସବୁ ଜୀବ ଏକାପରି । ଶୁଭ ଅଶୁଭ ବିଚାର କେବଳ ମନ ଗଢ଼ା କଥା ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ବଣ ମୁଲକରେ ବଣଭୋଜି
### ସନ୍ତୋଷ କୁମାର ଅଦାବର



ଡିସେମ୍ବର ମାସ ଚାଲିଛି । ଶୀତ ଋତୁରେ ବଣଭୋଜି ଖୁବ୍ ମଜା ଲାଗେ । ବଣ ମୁଲକରେ ବି ସବୁ ବର୍ଷ ଭଳି ଏବର୍ଷ ବଣଭୋଜି ହେବ । ଏଥିପାଇଁ ବଣ ମୁଲକର ରାଜା ସିଂହ ଆଜି ଏକ ବୈଠକ ଡାକିଛନ୍ତି । ଆଜି ମଧ୍ୟାହ୍ନରେ ବଣ ମଝିରେ ଥିବା ବିଶାଳ ଝଙ୍କାଳିଆ ବରଗଛ ମୂଳରେ ସବୁ ପଶୁ ପକ୍ଷୀ ଠୁଳ ହେଲେ । ସିଂହ ରାଜା ଗର୍ଜନ କଲେ । ରାଜାଙ୍କ ଗର୍ଜନରେ ଠେକୁଆ,ହରିଣ,ଗୁଣ୍ଡୁଚି,ମାଙ୍କଡ଼,ମୂଷା ଆଦି ତୃଣଭୋଜୀ ପ୍ରାଣୀମାନେ ଭୟରେ ଶଙ୍କି ଯାଉଥିବାର ଦେଖି ସିଂହ ରାଜା କହିଲେ- କେହି କାହାରିକୁ ଭୟ କରିବାର ନାହିଁ । ଆମେ ସମସ୍ତେ ଗୋଟିଏ ପରିବାରର । ଧୁମଧାମରେ ଏବଂ ହସଖୁସିରେ ଏ ବଣଭୋଜି ହେବ । ତା'ପରେ ଡରିଯାଇଥିବା ତୃଣଭୋଜୀ ପ୍ରାଣୀମାନେ ଆଶ୍ୱସ୍ତ ହେଲେ । ସିଂହ ରାଜା ପଶୁ ପକ୍ଷୀ ମାନଙ୍କୁ ବଣଭୋଜିର ଦାୟିତ୍ୱ ଗୁଡ଼ିକ ବାଣ୍ଟିଦେଲେ । ସେ ଘୋଷଣା କଲେ- ବଣଭୋଜି ଦିନ କେହି କାହାରି ଅନିଷ୍ଟ କରି ପାରିବେ ନାହିଁ । ଯିଏ ଯଦି ଅନ୍ୟର କିଛି ବି କ୍ଷତି କରିବ ତାକୁ ବହୁତ ବଡ଼ ଶାସ୍ତି ଦିଆଯିବ । ବଣଭୋଜି ଦିନ ଓ ସମୟ ସ୍ଥିର ହେଲା ପରେ ବୈଠକ ଶେଷ ହେଲା ଏବଂ ଯିଏ ଯାହାର ସ୍ଥାନକୁ ଗଲେ ।

ପଶୁପକ୍ଷୀମାନେ ନିଜ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଲେ । ଭୋଜିରେ ଆମିଷ ଏବଂ ନିରାମିଷ ଉଭୟ ବ୍ୟବସ୍ଥା ଥିଲା । ଆମିଷ ପାଇଁ ମାଛ,କଙ୍କଡ଼ା ଆଦିରେ ପ୍ରସ୍ତୁତ ଖାଦ୍ୟ ହୋଇଥିଲା । ଭୋଜି ସରିଯିବା ପରେ ନାଚଗୀତର ଆସର ଜମିଗଲା । ହାତୀ ଭାଇର ନାଚକୁ ସଭିଏଁ ପ୍ରଶଂସା କଲେ । କାରଣ ସେ ଶୁଣ୍ଢ ହଲାଇ ହଲାଇ ଝୁଲି ଝୁଲି ନାଚୁଥିଲା । କୋଇଲିର ଗୀତ ସଭିଙ୍କ ମନକୁ କିଣି ନେଲା । ସିଂହ ରାଜା ଗୋଟିଏ ମଜାକିଆ ହସକଥା କହିଲେ । ସବୁ ପଶୁ ପକ୍ଷୀ ଜୋରରେ ହସିଲେ । ବାଘ ଭାଇ ମଧ୍ୟ ଜୋରରେ ହସିଲା । କିନ୍ତୁ ତା'ର ହସଟା ଗର୍ଜନ ହେଉଥିବାରୁ କିଛି ପଶୁ ପକ୍ଷୀ ଭୟକଲେ । ସଂଧ୍ୟା ହୋଇ ଯାଇଥିବାରୁ ସିଂହରାଜା ବଣଭୋଜିକୁ ସମାପ୍ତ ଘୋଷଣା କଲେ । ତହିଁ ଆରଦିନ ମାଙ୍କଡ଼ ଏବଂ ହରିଣ ଗୋଟିଏ ଗଛ ମୂଳରେ ଛିଡ଼ାହୋଇ କଥା ହେଉଥାଆନ୍ତି । ମାଙ୍କଡ଼ କହିଲା- ହରିଣ ଭାଇ,ଗତକାଲିର ବଣଭୋଜି କେମିତି ଲାଗିଲା । ମୋତେ ତ ବହୁତ ବଢ଼ିଆ ଲାଗିଲା । ହରିଣ କହିଲା- ମୋତେ ବି ବହୁତ ବଢ଼ିଆ ଲାଗିଲି ଭାଇ । ସତରେ, ଏ ବଣ ମୁଲକରେ ସବୁଦିନ ଏମିତି ଶାନ୍ତିଶୃଙ୍ଖଳାର ସହ ସଭିଏଁ ରହିଲେ ଏବଂ ଆମ ଭଳି ନିରୀହ ତୃଣଭୋଜୀ ପଶୁ ମାନଙ୍କୁ ସୁରକ୍ଷା ମିଳିଲେ ବହୁତ ସୁନ୍ଦର ହୁଅନ୍ତା । ସବୁଦିନ ବଣଭୋଜିର ଆନନ୍ଦ ଭଳି ଖୁସି ମିଳନ୍ତା । ସେ ଦୁହେଁ ଏମିତି କଥାବାର୍ତ୍ତା ହେଉଥିବା ସମୟରେ ଜଙ୍ଗଲ ପାଖଦେଇ ଯାଇଥିବା ରାସ୍ତାରୁ ଏକ ଡାକବାଜି ଯନ୍ତ୍ରରୁ ଶୁଭିଲା- ଶୁଣ ଶୁଣ ଶୁଣ । ଏ ସୁନ୍ଦର ବଣଟିକୁ ଆହୁରି ସୁନ୍ଦର କରିବା ପାଇଁ ସରକାରଙ୍କ ତରଫରୁ ଘୋଷଣା ଓ ନିର୍ଦ୍ଦେଶ ଅଛି । କେହି ମନୁଷ୍ୟ ମାନେ ଏ ବଣର ପଶୁପକ୍ଷୀଙ୍କର କିଛି ଅନିଷ୍ଟ କଲେ ତାକୁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ । ଜଙ୍ଗଲ ସଂରକ୍ଷଣ ଏବଂ ଉଭୟ ମାଂସାହାରୀ ଓ ତୃଣଭୋଜୀଙ୍କ ପାଇଁ ଭିନ୍ନ ଭିନ୍ନ ଭାଗକରି ସୁରକ୍ଷିତ ଏବଂ ନିରାପଦ ଭାବରେ ରଖାଯିବ....

ହରିଣ ଏହି ଘୋଷଣାଟିକୁ ବୁଝି ନ ପାରିବାରୁ ମାଙ୍କଡ଼ଟି ତାକୁ ବୁଝାଇ ଦେଲା । ସୁରକ୍ଷିତ,ନିର୍ଭୟ ଏବଂ ନିରାପଦରେ ସେମାନେ ସେ ବଣରେ ରହିପାରିବେ ଜାଣି ବହୁତ ଖୁସି ହେଲେ ଏବଂ ନାଚି ଉଠିଲେ ।

ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮



## କୁନା ଭାବନାରେ ପକ୍ଷୀ
### ରତ୍ନକାନ୍ତି ମିଶ୍ର

କୁନା ବସି ବସି ସେଦିନ
ଭାବିଲା ପକ୍ଷୀର କଥା
ସତେ ସେ କି ଅବା ଏ ବିଶ୍ୱ ଭୁବନେ
ଜଗତ ଜିତା ।

ଆଖି ପାଉନାହିଁ କେତେ ଉଚ୍ଚରେ
ତୋଳିଛି ଘର
ରାଜ ଉଆସଠୁ ବେଶୀ ଝଲମଲ
କେତେ ସୁନ୍ଦର ।

ଯେତେ ଉଚ୍ଚା ଇଚ୍ଛା ଉଡ଼ି ସେ ଯାଏ
ମନ ଭରିକା
ବାଦଲ ଉହାଡେ ଦେଖଇ ତାରାର
ଆଖି ମିଟିକା ।


ରାତି ପାହୁ ପାହୁ ବସାରୁ ବାହାରି
କର୍ମେ ଚଞ୍ଚଳ
କି ସୁନ୍ଦର ତାଙ୍କ କିଚିରି ମିଚିରି
ମୋତେ ଛୁଁ ଖେଳ ।

ଡେଣା ଝାଡି ଝାଡି ଆକାଶେ ବୁଲଇ
ଆପଣା ବାଟେ
ଭୋକ କଲେ ପୁଣି ମାଟି ମାଆ କୋଳୁ
ଖାଦ୍ୟ ସାଉଁଟେ ।

ସମୁଦ୍ର ବକ୍ଷରେ ନୀଳ ଜଳରାଶି
କେତେ ଯେ ସତେ
ଡେଣା ଅଛି ବୋଲି ଲଂଘିଯାଏ ତାକୁ
ଇଚ୍ଛାର ମତେ ।

ପାହାଡ ପାଦପ ଆକାଶ ସମୁଦ୍ର
ଯେଣୁ ପକ୍ଷୀର
କୁନା କହିଲା 'ହେ ଠାକୁର,
ମୋତେ ବି ପକ୍ଷୀଟେ କର' ।

+ ଆଳି, କେନ୍ଦ୍ରାପଡା



## ନୂଆ ବରଷର ଭୋଜି
### ଡ. ଦୀପକ କୁମାର ମିଶ୍ର

କୁନା, ମୁନା, ରୀନା ବୈଠକ ଡାକିଲେ
ମୀନା ଘର ଅଗଣାରେ
ନିଷ୍ପତି ହୋଇଲା ବଣଭୋଜିଟିଏ
ହେବ ନୂଆ ବରଷରେ ।

ଦାୟିତ୍ୱ ନେଇଣ ସଭିଏଁ କହିଲେ
ଯୋଗାଡ଼ କରିବେ ସାଙ୍ଗ
ଦଶରୁ ଅଧିକ ସଭ୍ୟ ନହୋଇଲେ
ଜମିବନି ଭୋଜି ରଙ୍ଗ ।

ଭାତ, ଡାଲି, ଖଟା ସାଙ୍ଗକୁ ମାଉଁସ
ରୋଷେଇ କରିବେ ମିଶି
ସଂଗ୍ରହ କରିବେ ଶହେ ଶହେ ଟଙ୍କା
ହିସାବ କରିଲେ ବସି ।

ନୂତନ ସୂରୁଜ ନୂତନ କିରଣେ
ଉଇଁଲା ଆଶାଟେ ନେଇ
ଆସିଗଲା ନୂଆବରଷର ଦିନ
ଅପେକ୍ଷାର ଅନ୍ତ ହୋଇ ।

ଚାଲିଲେ ସଭିଏଁ ପାଖ ଜଙ୍ଗଲକୁ
ବଣଭୋଜି କରିବାକୁ
ଝରଣାକୁ ଦେଖି ଜଙ୍ଗଲ ମଝିରେ
ଖୁସି ହୋଇଗଲା ରିଙ୍କୁ ।

ଅତି ସରାଗରେ ରୋଷେଇ କରିଲେ
ଖାଦ୍ୟ ତାଲିକାକୁ ଦେଖି
ଖଲି ଦନା ପତ୍ର ବିଛେଇ ଖାଇଲେ
ହସି ହସି ଖିଲିଖିଲି ।

ବରଷକେ ଥରେ ନିଶ୍ଚିତ କରିବା
ସାଙ୍ଗମାନେ ବଣଭୋଜି
ବନ୍ଧୁତା ବଢ଼ାଇ ଖୁସିରେ ପାଳିବା
ନୂଆ ବରଷକୁ ଆଜି ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ମନଟି ମୋହର ଚୁଲୁବୁଲି
### ଅନନ୍ତ କୁମାର ସେନାପତି

କଅଁଳ ଜହ୍ନଟେ ଉଇଁଛି ଆକାଶେ
ମନଟି ମୋହର ଚୁଲବୁଲି,
ଧରଣୀ ମାଆର କୋମଳ କୋଳରେ
ଫୁଲ ପରି ହସେ ଝୁଲି ଝୁଲି ।

ଭାବନାରେ ମୋର ଅନେକ ସପନ
ସତେ ପକ୍ଷୀରାଜ ଘୋଡାଟିଏ,
ପାରେ ନାହିଁ ଉଡ଼ି ପରାଧୀନ ପଥେ
ସ୍ୱାଧୀନେ ଉଡିବା ଭଲ ପାଏ ।

ମୋ ମନ କନ୍ଦରେ ରଖିଛି ଗୋପନେ
ଫୁଟାଇ ପାରିବି ଦିବ୍ୟ ଜ୍ୟୋତି,
ବହିବି ହରଷେ ସିନେହ ପରଶେ
ସବୁରି ପାଇଁ କି ଦିବା ରାତି ।

ମୋ ଖୁସିରେ ଭରା ସୁନା, ରୁପା, ହୀରା
ଝଲମଲ ହୋଇ ଦିଶୁଥାଏ,
ନିତି ସକାଳ ରେ ମନ ବଗିଚାରେ
ସୁନାର କାକର ଖସୁଥାଏ ।

କଅଁଳ ମନଟି ଭାରି ଅମାନିଆ
ଆଦରେ କୋଳେଇ ନେଲେ ଥରେ,
ଧାଇଁବି ଆକାଶ, ପାହାଡ଼, ଝରଣା
ହାରିବିନି କେବେ କେଉଁଠାରେ ।

+ ବାଣ୍ଡୁପଡା, ରାଜଗାଙ୍ଗପୁର,
ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

## ବାଟରେ ପଣସ ଗଛ
### ଅରୁଣ କୁମାର ପଣ୍ଡା

ଗୁଣ୍ଡୁଚି ଯାଉଛି ଡେଇଁ ଡେଇଁକା
ବାଟରେ ପଣସ ଗଛ
ଗଛରେ ବସିଛି କାଳିଆ ହନୁ
ଲମ୍ବିଛି ତାହାର ପୁଚ୍ଛ
ଗୁଣ୍ଡୁଚି କହିଲା ' ଜୁହାର ଭାଇ
ବହୁ ଦିନ ପରେ ଦେଖା
ଆଉ କ'ଣ କେହି ପାଖରେ ନାହିଁ
ବସି ଅଛ ଏକା ଏକା ?'
' ଯାଇ ଥିଲୁ ଆମେ ବାଲିଆପାଳ
ଚାଷୀର ବିଲରେ ପଶି
ଖାଇଲୁ ପରିବା,ଚାଷୀ ରାଗିକି
ଦେଲା ଦି ପାହାର କଷି ।
କିଏ ତ କୁଆଡେ ପଳେଇ ଗଲେ
ଏକା ମୁଁ ଏଇଠି ଅଛି ।'
ଉଦାସ ମନରେ କହିଲା ହନୁ
ଆଖିରୁ ତା ଲୁହ ପୋଛି ।
ଗୁଣ୍ଡୁଚି କହିଲା ଛାଡ ସେ କଥା
କଅଣ ବା ହେବ ଭାବି
ବିପଦେ ଆପଦେ ସାହସୀ ହେବା
କହିଛନ୍ତି ପରା କବି ।
ପଣସ ପାଚିଛି ବାସନା ପାଇ
ହେଲାଣି ତ ଭାରି ଲୋଭ
ତୋଳିଆଣ ବେଗେ ଖାଇବା ପେଟେ
ପଛ କଥାରେ କି ଲାଭ ?'

+ ତୋଟାପଡା, ଘଣ୍ଟେଶ୍ୱର, ଭଦ୍ରକ
ମୋ - ୯୯୩୭୬୭୨୭୦୮

## ବୁଲା କୁକୁର !
### ଅଜିତ୍ ରାଉତ

ବୁଲା କୁକୁରର ନାହଁ ଯେ ଆଦର
ଖାଲି ମାତ୍ର ତିରସ୍କାର ?
କରି ଅଛି ଜାତ ସନ୍ତାନ ବହୁତ
ବୁଲା ଏ ବୁଲି କୁକୁର !

କେଉଁଠୁ ଆସିଲେ ବୁଲା ଏ କୁକୁରେ
ଭରି ଛନ୍ତି ଗାଆଁ ସାରା
ପୌଷମାସ ଶୀତ ତାଣ୍ଡବ ଶୀତର
ଚିତ୍କାରରେ ଭୁଭୁ ଧରା !

ସକାଳ ନ ହେଉ ବୁଲି ଯେ କୁକୁର
ବୁଲୁ ଅଛି ଘର ଦ୍ୱାର
ଆତୁରେ ଖୋଜୁଛି ଖାଇବା ଜିନିଷ
ଦେବ ଯେ ସନ୍ତାନେ ତାର !!

ପାଉ ଅଛି ଯାହା ଶିଶୁକୁ ଦେଉଛି
ଚିନ୍ତା ହେ ସନ୍ତାନେ ତାର
ନେତ୍ରରେ ଦେଖୁଛି କଷ୍ଟକୁ ତାହାର
କର ଦୂର ଚକ୍ରଧର !!

ତାର ପରିସ୍ଥିତି ନ ବୁଝେ ମାନବ
ମାଡ଼ ମାରୁ ଅଛି ନିତି
ଫିଙ୍ଗି ଦିଏ ଦେହେ ଗରମ ପାଣିକୁ
ହୀନ ଦୃଷ୍ଟି ତାର ପ୍ରତି !

ତଥାପି ଆସୁଛି ଘର ମନୁଷ୍ୟର
କର୍ତ୍ତବ୍ୟ ବୁଝିଛି ବୁଲି
ମାତୃ ଧର୍ମ ତାର ବୁଝି ଅଛି ବୁଲି
ତିରସ୍କାର ଯାଏ ଭୁଲି !

ଜୀବ ପ୍ରତି ଦୟା ମନୁଷ୍ୟ କର୍ତ୍ତବ୍ୟ
ମାନବ କିମ୍ୱା ଭୁଲୁଛି ?
ଯାହା ଅଛି ଗୃହେ ଧର୍ମ ଅଟେ ଦେବା
କର୍ତ୍ତବ୍ୟ ଭୁଲି ଯାଇଛି !

ହେ ମନୁଷ୍ୟ ଜାତି କେଉଁ କାର୍ଯ୍ୟ କରୁ
ଆଦର ପୋଷା କୁକୁର
ଦେଉଛୁ ଭୋଜନ ରଖିଛି ଭଲରେ
କରୁଛ ପ୍ରେମ ଆଦର !

ବୁଲି କୁକୁରକୁ ବହିଷ୍କାର କିମ୍ୱା ?
ମାଡ଼ ତାକୁ ମାରୁ ଅଛୁ
ମାଡ଼ ଖାଇ ପୁଣି ଆସୁଛି ଘରକୁ
କର୍ତ୍ତବ୍ୟ କିମ୍ୱା ଭୁଲୁଛୁ ?

ଶିଶୁ ମମତାରେ ତା ମାଡ଼ ଭୁଲୁଛି
ବୁଝି ପାରୁ ନାହୁ କିମ୍ୱା ?
ନ ରୁହନ୍ତୁ ଶିଶୁ ଭୋକ ଉପାସରେ
ଆଶା ଲୋକ ଅନୁକମ୍ପା !

ମନୁଷ୍ୟ ଜୀବନ ଦୁର୍ଲ୍ଲଭ ଜୀବନ
ପ୍ରେମ ପ୍ରୀତି ସେବା କର୍ମ
ଅନ୍ନ ମୁଠି ଦିଅ ବୁଲି କୁକୁରକୁ
ବୁଲି ପାଳୁ ମାତୃ ଧର୍ମ !

+ଷଡ୍ଢେଇକଲା, ଖରସୁଆଁ,
ରାଜନଗର, ଝାଡ଼ଖଣ୍ଡ ରାଜ୍ୟ

# ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ନୀଳଗିରି ସଜନାଗଡସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠ



ନୀଳଗିରି, ୨୭/୧୨ (ନି.ପ୍ର): ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଏବଂ ମନ୍ଦିର ମାନଙ୍କର ଉନ୍ନତୀକରଣ ଓ ପରିଚାଳନା ନିମନ୍ତେ ଲକ୍ଷଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ଅନେକ ସମୟରେ ଐତିହାସିକ କୀର୍ତ୍ତିରାଜି ଥିବା ପୀଠଗୁଡ଼ିକ ପ୍ରତି ଅଣଦେଖା କରାଯାଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଥିବା ରାଜାରାଜୁଡା ଅମଳର ସଜନାଗଡ଼ର ପ୍ରତିଷ୍ଠିତ ମା' ଭୂଧାରଚଣ୍ଡୀଙ୍କ ମନ୍ଦିରରେ ଦେଖିବାକୁ ମିଳିଛି। ମା'ଙ୍କ ସ୍ଥାପନା ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। କୁହାଯାଏ ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ନାରାୟଣ ବସନ୍ତ ବିରାଟ ଭୂଜଙ୍ଗ ମାନ୍ଧାତା ମା'ଙ୍କୁ ସ୍ଥାପନା କରିଥିଲେ। ୧୫୦୦ ଖ୍ରୀଷ୍ଟାବ୍ଦ ଶେଷାର୍ଦ୍ଧରେ କଳାପାହାଡ଼ ଆକ୍ରମଣ କରି ମା'ଙ୍କ ମନ୍ଦିର ଭାଙ୍ଗି ଦେଇଥିଲେ। ଏହି ସମୟରେ ମା'ଙ୍କୁ ଏକ ନିମ୍ବଗଛ ମୂଳେ ଲୁଚାଇ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶ ପାଇ ମନ୍ଦିର ତୋଳିଥିଲେ। ଏହାର ସ୍ଥାପତ୍ୟ କାରୁକାର୍ଯ୍ୟ, ଶିଳ୍ପ ଶାସ୍ତ୍ର ଆଦି ନିଖୁଣ ସୃଜନଶୀଳତାର ପରିଚୟ ଦିଏ। ଏହି ପ୍ରାଚୀନ କୀର୍ତ୍ତିରାଜିର ସମ୍ଭାର ପାଳଟିଥିବା ଭୂଧାରଚଣ୍ଡୀଙ୍କ ମନ୍ଦିର ବେଢା ବା ପାଚେରିରେ ଦୀର୍ଘ ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ପାଚେରି ବିଭିନ୍ନ ସ୍ଥାନରେ ଫାଟ ପ୍ଲାଷ୍ଟର ଝଡିଡା ସହ ରଙ୍ଗ ଲଗାଯାଇ ନଥିବାରୁ ସଂପୂର୍ଣ୍ଣ ମନ୍ଦିର ପାଚେରି ଶିଉଳିରେ ପରିପୂର୍ଣ୍ଣ ହୋଇ କଳା ଆସ୍ତରଣ ଜମିବା ପରେ ମନ୍ଦିର ପାଚେରି ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ପୁନରୁଦ୍ଧାର ନିମନ୍ତେ ପ୍ରଶାସନିକସ୍ତରରେ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ହେତୁ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ମନ୍ଦିରକୁ ବହୁ ଭକ୍ତ ପୂଜାର୍ଚ୍ଚନା ଓ ପର୍ଯ୍ୟଟକ ବୁଲିବା ପାଇଁ ଆସିଥାନ୍ତି। ବିଭିନ୍ନ ପର୍ବପର୍ବାଣୀରେ ଏଠାରେ ଅଧିକ ଭକ୍ତଙ୍କ ଭିଡ ଲାଗି ରହିଥାଏ। ମାତ୍ର ଏବେ ଏହି ମନ୍ଦିର ବେଢା ବା ପାଚେରି ଜରାଜୀର୍ଣ୍ଣ ହୋଇପଡିଛି। ମନ୍ଦିରର ଚତୁଃପାର୍ଶ୍ୱରେ ବେଢା ବା ପାଚେରି ଉପରେ ବୃକ୍ଷ ଗଛ ହୋଇଗଲାଣି। ମନ୍ଦିର ସମ୍ମୁଖରେ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଶୌଚାଳୟରେ ଏବେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ଶୌଚାଳୟ କୌଣସି କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ମହିଳା ଭକ୍ତ ଓ ପର୍ଯ୍ୟଟକ ଝାଡା ପରିଶ୍ରା ପାଇଁ ବିଭିନ୍ନ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ପୁରାତନ ବେଢା ବା ପାଚେରିର ରୂପାନ୍ତରୀକରଣ ନିମନ୍ତେ ରାଜ୍ୟ ସରକାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନୀଳଗିରିକୁ କୋଡିଏ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିବା ସାଧାରଣରେ କୁହାଯାଉଛି। ମାତ୍ର ଏହି ଅର୍ଥ ଆସିବାର ଆଜିକୁ ଛଅମାସ ପରେ ବି ଏପର୍ଯ୍ୟନ୍ତ ବିନିଯୋଗ ହୋଇପାରିନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀଯୁକ୍ତ କାରୁ ସୋରେନଙ୍କୁ ପଚାରିବାରୁ ଛଅମାସ ପୂର୍ବରୁ ପାଚେରୀର ରୂପାନ୍ତରୀକରଣ ପାଇଁ ଟଙ୍କା ଆସିଥିବା କଥାକୁ ସ୍ୱିକାର କରିବା ସହ ଏବେ ଏହା ଏଷ୍ଟିମେଟ ହୋଇସାରିଥିବା ବେଳେ ଟେଣ୍ଡରକୁ ଯିବାର ଅଛି। କିନ୍ତୁ କର୍ମଚାରି ଅଭାବରୁ ହୋଇପାରି ପାରିନାହିଁ ବୋଲି ଉତ୍ତର ରଖିଥିଲେ। ତେବେ ଏହି ପ୍ରାଚୀନମନ୍ଦିରର ଉନ୍ନତିପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ସୋରେନଙ୍କ ଟାଳଟୁଳ ନୀତିକୁ ନେଇ କ୍ଷୋଭପ୍ରକାଶ କରିଛନ୍ତି ମନ୍ଦିରର ମୁଖ୍ୟ ପୂଜକ ବିଜୟ କୁମାର ପଣ୍ଡା। ତୁରନ୍ତ ମନ୍ଦିରର ମରାମତି ଓ ପୁନରୁଦ୍ଧାର ପାଇଁ ସାଧାରଣରେ ଦାବୀହେଉଛି।

# ଡ୍ରିମ୍ସ ଆଇଡ଼ିଆଲ ସ୍କୁଲର ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ଶଙ୍ଖଧ୍ୱନି ପ୍ରତିଯୋଗିତା




ବାଲେଶ୍ୱର, ୨୭/୧୨ (ନି.ପ୍ର): ଡ୍ରିମ୍ସ ଆଇଡ଼ିଆଲ ସ୍କୁଲ ତରଫରୁ ପ୍ରାୟୋଜିତ ରାଜ୍ୟସ୍ତରୀୟ ଶଙ୍ଖ ଧ୍ୱନି ପ୍ରତିଯୋଗିତା କାର୍ଯ୍ୟକ୍ରମ ସକାଳ ୯ଘଟିକାରେ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ ସହଦେବଖୁଣ୍ଟା ଆଦର୍ଶ ଥାନାର ଓଓଉ ଶ୍ରୀଯୁକ୍ତ ଜୟନ୍ତ କୁମାର ବେହେରା । ସେ ତାଙ୍କ ବକ୍ତବ୍ୟରେ ଏହିଭଳି ପ୍ରତିଯୋଗିତା ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଶ୍ରୀମତୀ ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ ଓ ନୃତ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ଜ୍ୟୋତିର୍ମୟୀ ସାମଲ ପ୍ରତିଯୋଗିତା ର ମୂଲ୍ୟାୟନ କରିଥିଲେ । ସଭାକାର୍ଯ୍ୟ ପରିଚାଳନା କରୁଥିଲେ ଡ୍ରିମ୍ସ ଶଙ୍ଖ ଧ୍ୱନି ସମ୍ପାଦକ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାପୀଠ ର ଶିକ୍ଷୟିତ୍ରୀ ରେହାନା ବେଗମ୍ । ଅପରାହ୍ନ ୩ଘଟିକାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ଉଦ୍ଘାଟକ ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିର ଶୁଭାରମ୍ଭ କରିଥିଲେ।ସେ ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟ ର ବିଭିନ୍ନ ସଂଗଠନମୂଳକ କାର୍ଯ୍ୟକ୍ରମ ପିଲାମାନଙ୍କ ଶିକ୍ଷଣୀୟ ହୋଇପାରିବ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ର ନିଜ ବକ୍ତବ୍ୟରେ ଶିକ୍ଷା କ୍ଷେତ୍ରରେ ବାଲେଶ୍ୱର ର ଅଗ୍ରଣୀ ଭୂମିକା ଏବଂ ସେଥିରେ ଡ୍ରିମ୍ସ ଭଳି ଶିକ୍ଷାନୁଷ୍ଠାନ ରେ ଏକାକୀ ପ୍ରତିଷ୍ଠାତା ସମସ୍ତ କର୍ମଚାରୀଙ୍କୁ ନେଇ ସୁନ୍ଦର ପରିଚାଳନା କୁ ତାରିଫ୍ କରିଥିଲେ। ଏଥିରେ ପୂର୍ବତନ ଜିଲ୍ଲାପରିଷଦ ସଭାପତି ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଦାଶ, ବିଦ୍ୟାଳୟ ର ସମ୍ପାଦିକା ଶ୍ରୀମତୀ ଅଞ୍ଜଳି ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ବହୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିବା ସହ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶ୍ରୀଯୁକ୍ତ ଦାଶ ମହୋଦୟ ବିଦ୍ୟାଳୟ ରେ ପାଳିତ ହେଉଥିବା ପ୍ରତ୍ୟେକ ଦିବସ କୁ ? ଗୁରୁତ୍ୱପୂର୍ଣ୍ଣ କହିବା ସହ ଏହାର ଭୂୟସୀ ପ୍ରଶଂସା କରିଥିଲେ।ସେ ଆହୁରି ମଧ୍ୟ ଡ୍ରିମ୍ସ ତା'ର ପ୍ରତ୍ୟେକ ଅକ୍ଷରର ଯଥାର୍ଥତା ପ୍ରତିପାଦନ କରେ ବୋଲି ମତବ୍ୟକ୍ତ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରୁଥିଲେ ବିଦ୍ୟାଳୟ ର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ। ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ବିବରଣୀ ପାଠ କରିଥିଲେ।ଶ୍ରୀ ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ତରଫରୁ ସାମ୍ବାଦିକ ଶ୍ରୀ ଅଜିତ କୁମାର ମହାନ୍ତି, ଡକ୍ଟର ଜଗନ୍ନାଥ ଖଟୁଆ ୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଉଦ୍ୟମୀ ଯୁବକଙ୍କ ପ୍ରଶଂସନୀୟ କାର୍ଯ୍ୟ

କୋରେଇ, ୨୭/୧୨ (ନି.ପ୍ର): ପାଣିକୋଇଲି ଅଂଚଳର ଜଣେ ଯୁବକ ସେ ସବୁକୁ ନ ଅନାଇ ଏକାକୀ ବଜାରକୁ ସଫେଇ କରିବା ଲାଗି ନିଜର ଉଦ୍ୟମ ଜାରି ରଖିଛନ୍ତି। ପାଣିକୋଇଲି ବଜାରର ଓଭରବ୍ରିଜ ତଳେ କୁଢ କୁଢ ଅଳିଆ ପଡ଼ିଥିବାର ଦେଖି ଉକ୍ତ ସ୍ଥାନରେ ସିଝା ମକା ବିକ୍ରି କରୁଥିବା ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଚୈତନ୍ୟ ମଲ୍ଲିକଙ୍କ ପୁଅ ନନ୍ଦକିଶୋର ଏକାକୀ ବଡି ଭୋରରୁ ଆସି ଉକ୍ତ ଆବର୍ଜନାକୁ ସଫା କରିବାରେ ଲାଗି ପଡ଼ିଛନ୍ତି। ତାଙ୍କର କେବଳ ନିଶା ହେଲା ସ୍ୱଚ୍ଛତା। ତେବେ ସ୍ଥାନୀୟ କିଛି ବ୍ୟବସାୟୀ ନିଜର ବ୍ୟବସାୟ କରିସାରିବା ପରେ ନିଜର ଆବର୍ଜନାକୁ ଛାଡ଼ି ଚାଲି ଯାଉଥିବା ବେଳେ ନନ୍ଦକିଶୋରଙ୍କ ଉଦ୍ୟମ ସେମାନଙ୍କୁ ଏକ ଉଦାହରଣ ନିଶ୍ଚିତ ଭାବେ ଦେବ। ନନ୍ଦକିଶୋରଙ୍କ ଏଭଳି ଉଦ୍ୟମକୁ ସ୍ଥାନୀୟ ଅଂଚଳବାସୀ ପ୍ରଶଂସା କରିଛନ୍ତି।

# ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ





ଭଦ୍ରକ, ୨୭/୧୨ (ନି.ପ୍ର): ଆଗାମୀ ୭୬ତମ ସାଧାରଣତନ୍ତ୍ର ଦିବସ-୨୦୨୫କୁ ଭଦ୍ରକ ଜିଲ୍ଲାସ୍ତରରେ ପାଳନ କରାଯିବା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍.ପି.ଡ଼ି.ଆଇ.ବି. ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଗତବର୍ଷ ପାଳନ ପ୍ରସ୍ତୁତି ବୈଠକର ବିବରଣୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇ ବୈଠକର ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଉକ୍ତ ଉତ୍ସବ ପାଳନ ଉପଲକ୍ଷେ ଉକ୍ତ ଦିନ ପ୍ରତ୍ୟୁଷରୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଭଦ୍ରକ ପୌରପାଳିକା ଅଞ୍ଚଳରେ ରାମଧୂନ ପରିକ୍ରମା କରାଯିବ । ସକାଳ ୬ଟା ୩୦ରେ ପ୍ରଭାତଫେରୀ ୭ଟାରେ ବିଭିନ୍ନ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇ ଭଦ୍ରକ କଲେଜ ପଡ଼ିଆରେ ଜିଲ୍ଲାସ୍ତରୀୟ ଉତ୍ସବରେ ସକାଳ ଘ୮.୩୦ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ, କ୍ୱିଜ୍, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯିବା ପାଇଁ ଦିନ ଓ ସମୟ ଧାର୍ଯ୍ୟ କରାଗଲା । ପ୍ରଭାତଫେରୀ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡ଼୍, ପ୍ୟାରେଡ଼୍ ପ୍ରତିଯୋଗିତା, ପ୍ୟାରେଡ଼ ପୂର୍ବାଭ୍ୟାସ, ପ୍ୟାରେଡ଼ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଟାଇକୋଣ୍ଡ କ୍ରୀଡ଼ା ପ୍ରଦର୍ଶନ ସମ୍ବନ୍ଧରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ, ଚିତ୍ରକଳା ପ୍ରଦର୍ଶନୀ, ଭିନ୍ନକ୍ଷମମାନଙ୍କୁ ଫଳ ବଣ୍ଟନ, କୁଷ୍ଠ କଲୋନୀ ଓ ଜରାଶ୍ରମରେ ମଧ୍ୟାହ୍ନ ଭୋଜନ ପ୍ରଦାନ, ଆଦି କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇ ପ୍ରାୟୋଜକ ଓ ପୃଷ୍ଠପୋଷକଭାବେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ମତାମତ ଗ୍ରହଣ କରାଯାଇଥିଲା । ରାଷ୍ଟ୍ରୀୟ ଉତ୍ସବ ପାଳନ ମିଟିର ସଦସ୍ୟ ଭାବେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ । ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ କୁମାର ନାୟକ ରାଷ୍ଟ୍ରୀୟ ଉତ୍ସବ ପାଳନ ନିମନ୍ତେ ଆଗକୁ ଭଦ୍ରକ କଲେଜ ପଡ଼ିଆ ବଦଳରେ ସ୍ଥାୟୀ ଭାବେ ପ୍ରଶାସନ ତରଫରୁ ବିକଳ୍ପ ଜାଗା ସ୍ଥିର କରିବାକୁ ବୈଠକରେ ପ୍ରସ୍ତାବ ପ୍ରଦାନ କରିଥିଲେ ।

# ଗ୍ରାମାଞ୍ଚଳ କ୍ରିକେଟ୍ ପ୍ରତିଭା ଚୟନ ଉଦ୍ଘାଟିତ

ରାଇବଣିଆ , ୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଖୁଆଡ ଗ୍ରାମ ପଞ୍ଚାୟତର ପୁରୁଣାପାଣି ଗ୍ରାମର ନେତାଜୀ ୟୁଥ୍ କ୍ଲବ୍ ତରଫରୁ ୨୫ ବର୍ଷର କ୍ରିକେଟ ରୋପ୍ୟକ ଜୟନ୍ତୀ ସମାରୋହର ଉଦ୍ଘାଟିତ ହୋଇଯାଇଛି ଏଥିରେ ଉଦ୍ଘାଟକ ଭାବେ ଜଳେଶ୍ୱର ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଫିତା କାଟି ଟୁର୍ଣ୍ଣାମେଣ୍ଟକୁ ଆରମ୍ଭ କରିଥିଲେ ଏଥିରେ ୮ ଗୋଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି ଏହା ଦୁଇ ଦିନ ବ୍ୟାପି ଚାଲିବ ଓ ଏହି ଟୁର୍ଣ୍ଣାମେଣ୍ଟ ଉପଲକ୍ଷେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମବାସୀ ତରଫରୁ ଗ୍ରାମ୍ୟ କମିଟିର ସଭାପତି ବୀରକିଶୋର ଦାସ, ମାନସ ଜେନା, ବାସୁଦେବ ଦାସ, ତପନ ଦାସ, ଅଜିତ ବେହେରା, ରବୀନ୍ଦ୍ର ସେଠୀ, ଜୀବନ ରଞ୍ଜନ ମଲ୍ଲିକ , ସୁବାଷ ଗାନ୍ଧି, ସମତେ କ୍ଲବର ସମସ୍ତ ମେମ୍ବର ମାନେ ଉପସ୍ଥିତ ରହି ଖେଳ ପରିଚାଳନା କରିଥଲେ।




# ଉପଖଣ୍ଡସ୍ତରୀୟ କୃଷକ ପଞ୍ଜିକରଣ ଓ ରବି ଋତୁ ଡିଜିଟାଲ ଫସଲ ସର୍ବେକ୍ଷଣ ତାଲିମ

ଚମ୍ପୁଆ, ୨୭/୧୨ (ନି.ପ୍ର): ଚମ୍ପୁଆ ଧରଣୀଧର ନଗର ଭବନରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜି ରାଜସ୍ୱ ଓ କୃଷି ବିଭାଗର ମିଳିତ ସହଯୋଗରେ କୃଷକ ପଞ୍ଜିକରଣ ଓ ରବି ଋତୁର ଡିଜିଟାଲ ଫସଲ ସର୍ବେକ୍ଷଣ ତାଲିମ ଶିବିର କୃଷି ଜିଲ୍ଲା ଅଧିକାରୀ ଚମ୍ପୁଆ ସତ୍ୟବାନ ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ସରକାର କୃଷକ ମାନଙ୍କ କଲ୍ୟାଣ ପାଇଁ ଏଥିରେ କିପରି କୃଷକମାନଙ୍କୁ ନିର୍ଭୁଲ ଭାବେ ଚିହ୍ନଟ କରାଯାଇ ପ୍ରଧାନମନ୍ତ୍ରୀ କୃଷକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପାରିବ ସେ ସମ୍ପର୍କରେ ତାଲିମ ଦିଆଯାଉଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶନୀ, ଚମ୍ପୁଆ ବ୍ଲକ କୃଷି ଅଧିକାରୀ ନୀଳମାଧବ ଦାଶ, ଝୁମ୍ପୁରା ବ୍ଲକ କୃଷି ଅଧିକାରୀ ସମତା ମହାନ୍ତ, ସହକାରୀ ଜିଲ୍ଲା କୃଷି ଅଧିକାରୀ ହରି ଓମ ପାଣି ଗ୍ରାହୀ, ଚମ୍ପୁଆ ସହକାରୀ କୃଷି ଅଧିକାରୀ ରମାମଣି ସାହୁ ପ୍ରମୁଖ ଯୋଗ ଦେଇଥିବାବେଳେ ଚମ୍ପୁଆ, ଝୁମ୍ପୁରା, ଯୋଡ଼ା ବ୍ଲକର ରାଜସ୍ୱ ନୀରିକ୍ଷକ, ମୃତିକା ସଂରକ୍ଷଣ, କୃଷିଉଦ୍ୟାନ ବିଭାଗ ତଥା ଆନୁଷଙ୍ଗିକ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ତାଲିମ ଶିବିରରେ ପଂଚାୟତ ସ୍ତରରୁ ସମସ୍ତ ପିଓ, ଜିଆର୍ଏସ୍, ଏଡିଓ ଭାଗ ନେଇଥିଲେ।

# ସରଧାପାଲି ଗ୍ରାମରେ ଓସାକା ହାଇଦ୍ରାବାଦର ଡାଲଖାଇ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ

ବଲାଙ୍ଗୀର, ୨୭/୧୨ (ନି.ପ୍ର): ହାଇଦ୍ରାବାଦ ସ୍ଥିତ ପ୍ରବାସୀ ପଶ୍ଚିମ ଓଡିଶାବାସୀ ଙ୍କ ଅଗ୍ରଣୀ ଅନୁଷ୍ଠାନ 'ଓସାକା' ତରଫରୁ 'କୋଶଳାଂଚଳ ଡାଲଖାଇ ପୁରସ୍କାର ଉତ୍ସବ ୨୦୨୪' ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ନୁନିଆପାଲି ଗ୍ରାମ ପଂଚାୟତ ସ୍ଥିତ ସରଧାପାଲି ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। ପଶ୍ଚିମ ଓଡିଶାର ଗ୍ରାମାଂଚଳର ହଜିଯାଇଥିବା ପ୍ରାଚୀନ ପରମ୍ପରା ଡାଲଖାଇକୁ ବଂଚେଇବା ପ୍ରୟାସ ସହ ଗ୍ରାମାଂଚଳର କଳାକାର କୁ ପ୍ରୋତ୍ସାହନ ପାଇଁ ଓସାକା ହାଇଦ୍ରାବାଦ ଡାଲଖାଇ ପୁରସ୍କାର ୨୦୨୩ ଠାରୁ ଆୟୋଜନ କରିଆସୁଛି। ଏହିବର୍ଷ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଗୁରୁ ଶ୍ରୀ ଡ଼କ୍ଟର ଘାସିରାମ ମିଶ୍ର ଡାଲଖାଇର ମୌଳିକତା ବଜାୟ ରଖିବାକୁ କଳାକାର ମାନେ ଚେଷ୍ଟିତ ହେବାକୁ ଅନୁରୋଧ କରିବାସହ ଗବେଷଣା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଲୋକ କଳାକାରକୁ ଉତ୍ସାହ ପ୍ରଦାନ ତଥା ଗ୍ରାମାଂଚଳରେ ଆୟୋଜିତ ଓସାକାର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରସଂଶା କରିବା ସହ ଡାଲଖାଇ ଉପରେ ଏକାଡେମୀକ ଆଲୋଚନା ଏବଂ କର୍ମଶାଳା ଆୟୋଜନ ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଓସାକା ତରଫରୁ ପ୍ରସିଦ୍ଧ ଡାଲଖାଇ କଳାକାର ବେଟିଖାଇ ବରିହାଙ୍କୁ 'କୋଶଳ ଡାଲଖାଇ ଦେବୀ' ଉପାଧି ରେ ସମ୍ମାନିତ କରାଯାଇଥିଲା। ଏହି ବର୍ଷ ଡାଲଖାଇ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ପାଇଥିବା ଗଣ୍ଡପାଲି ଜୟ ମା ସମଲେଇ ପୁରୁଣା ଡାଲଖାଇ ପାର୍ଟି, ଦ୍ୱିତୀୟ ସ୍ଥାନ ପାଇଥିବା ସରଧାପାଲି ର ଜୟ ମା ଦୁର୍ଗାଦେବୀ ଡାଲଖାଇ ପାର୍ଟି ଏବଂ ଯୁଗ୍ମ ଭାବେ ତୃତୀୟ ସ୍ଥାନ ପାଇଥିବା ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଡୁମେର ବାହାଲ ଗ୍ରାମର ଡାଲଖାଇ ଦଳ ଓ ଗଣ୍ଡପାଲିର ଛେଲିଆପାଟ ଡାଲଖାଇ ଦଳଙ୍କୁ ନଗଦ ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ବରିଷ୍ଠ ଧୁନକେଲ ବାଦକ କଳାକାର ପଦ୍ମନାଭ ବାଗ, ଢୁଲିଆ ବଳରାମ ସୁନା, ନୃତ୍ୟଗୁରୁ ଧନୁ ସାହୁ, ଡାଲଖାଇ କଳାକାର ଦୁଲଣା ବାଗଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ନିମନ୍ତ୍ରିତ ଅତିଥି ଆଗଲପୁର ବ୍ଲକ ଉପାଧକ୍ଷ୍ୟା ନିରୁପମା ପଧାନ, ନୁନିଆପାଲି ଗ୍ରାମପଂଚାୟତ ର ସରପଂଚ ପୁଷ୍ପାଞ୍ଜଳି ସାହୁ, ସମିତି ସଭ୍ୟା ବିଳାସିନୀ ଭୋଇ, ଭରସୁଜା ଗ୍ରାମପଂଚାୟତର ସରପଂଚ ପ୍ରମିଳା ସାହୁ, ଝାରନୀପାଳୀ ଗ୍ରାମ ପଂଚାୟତର ସରପଂଚ ସୁନିତା ସାହୁ, ସମିତି ସଭ୍ୟ ନରେଶ କୁମାର ସାହୁ, ସମାଜସେବୀ ରାଜୀବ ଭୋଇ, କୋଶଳ ସଂଗ୍ରାମୀ ସୂର୍ଯ୍ୟ ସ୍ୱାଇଁ ଏବଂ ସଂସ୍କୃତି ଗବେଷକ ଭରତ ନାଗ କୋଶଳାଂଚଳର ଡାଲଖାଇର ଉନ୍ନତି ପାଇଁ ନିଜ ନିଜ ମତାମତ ରଖିବା ସହ ଆଗାମୀ ଦିନରେ ସବୁପ୍ରକାର ସହଯୋଗ କରିବାକୁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମାଂଚଳର ଜୀବନ ଜୀବିକା ଆଧାରିତ ପ୍ରଦର୍ଶନୀ ସହ ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ବେସ ମନଛୁଆଁ ଥିଲା। ସ୍ଥାନୀୟ ସଂଯୋଜକ ତଥା ପୋଡ଼ପାଲି ସ୍ଥିତ ଫଂଚୁସେବା ସଦନର ନିର୍ଦ୍ଦେଶକ ଭରତ ସାହୁ ଏବଂ ଯୁବ ସଂଗଠକ ଅର୍ଜୁନ କୁମାର ସାହୁ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ।

# ସେଲ ଆରଏସପିର ମାନବ ସମ୍ବଳ-ଆରଏମ ଓ ଟି ବିଭାଗର ନବୀକୃତ କାର୍ଯ୍ୟାଳୟ 'ସମୃଦ୍ଧି ଭବନ' ଉଦ୍ଘାଟିତ



ରାଉରକେଲା, ୨୭/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ-ଆରଏମ ଓ ଟି ବିଭାଗର ନବୀକୃତ କାର୍ଯ୍ୟାଳୟ 'ସମୃଦ୍ଧି ଭବନ'କୁ ଡିସେମ୍ବର ୨୬ ତାରିଖରେ ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଅତନୁ ଭୌମିକ ଉଦଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଅନେକ ସିଜିଏମ୍, ବିଭାଗ ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ତଥା ଏଚଆର ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଏହି ଅବସରରେ ନିଜର ଅଭିଭାଷଣରେ ଡ଼ିଆଇସି ମାନବ ସମ୍ବଳ ସାମୂହିକଙ୍କୁ ଅଧିକ କର୍ମଚାରୀ-ଅନୁକୂଳ ହେବା ପାଇଁ ଉତ୍ସାହିତ କରିଥିଲେ ଏବଂ କର୍ମଚାରୀମାନଙ୍କ ପାଇଁ ଆବଶ୍ୟକୀୟ ସମସ୍ତ ସେବା ନିରବଚ୍ଛିନ୍ନ ଭାବରେ ସେମାନଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମାନବ ସମ୍ବଳ-ଆରଏମ ଓ ଟି ବିଭାଗର ନବୀକୃତ କାର୍ଯ୍ୟାଳୟ ପ୍ରାୟ ୩୦୦୦ କର୍ମଚାରୀଙ୍କୁ ସେବା ଯୋଗାଉଛି ଏବଂ ବିଭିନ୍ନ ବିଭାଗ ଯଥା ଷ୍ଟିଲ୍ ମେଲ୍ଟିଂ ସପ-୨, କଞ୍ଚାମାଲ ପରିଚାଳନା ବିଭାଗ, ସିଣ୍ଟରିଂ ପ୍ଲାଣ୍ଟ ୧,୨ ଓ ୩, କାଲସାଇନିଙ୍ଗ ପ୍ଲାଣ୍ଟ-୨, ଟି ଆଣ୍ଡ ଆରଏମ୍, ଏଫଏମ୍ଏମ, ଅଗ୍ନିଶମ ସେବା ଏବଂ ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗ ଏହାର ପରିସରଭୁକ୍ତ ଅଟନ୍ତି। ଦୁଇଟି ୟୁନିଟ୍ ମିଶ୍ରଣ ସହିତ ଏହି ନୂତନ କାର୍ଯ୍ୟାଳୟ ମାନବ ସମ୍ବଳ କର୍ମଚାରୀଙ୍କୁ ଏକକ, ଏକତ୍ରିତ କାର୍ଯ୍ୟାକ୍ଷେତ୍ରର ଆବଶ୍ୟକତାକୁ ସମାଧାନ କରିବ। ପୂର୍ବ ଟିଆରଏମ ଆଣ୍ଡ ଏମ ଅଫିସ୍ ବିଲଡିଂ କୁ ଏହାର ରଣନୈତିକ ଅବସ୍ଥାନ ଏବଂ ପ୍ରମୁଖ ବିଭାଗ ଓ ଫାଟକରୁ ସହଜ ଉପଲବ୍ଧତା ପାଇଁ ଚୟନ କରାଯାଇଥିଲା । ୫୯ ଲକ୍ଷ ଟଙ୍କା ବ୍ୟୟରେ ଏହି ନବୀକୃତ ଅଫିସ ଏକ ଅତ୍ୟାଧୁନିକ ସୁବିଧାରେ ରୂପାନ୍ତରିତ ହୋଇଛି। କର୍ମଚାରୀଙ୍କ ପାଇଁ ଅଧିକ ସୁବିଧା ପାଇଁ ଏଠାରେ ଏକ ହେଲ୍ପ ଡେସ୍କ ମଧ୍ୟ ରହିଛି।

# ଭାରତରତ୍ନ ଅଟଳ ବିହାରୀଙ୍କ ଜୟନ୍ତୀ ସମାରୋହ

ବଲାଙ୍ଗିର , ୨୭/୧୨ (ନି.ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ , ବଲାଙ୍ଗୀର ଶାଖା ଦ୍ୱାରା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶତ ବାର୍ଷିକୀ ଜୟନ୍ତୀ, ଐତିହାସିକ ପୂର୍ଣ୍ଣ ଚନ୍ଦ୍ର ରଥ, ପାଠାଗାର, ତେଲି ଗୋଠ ପଡା ଠାରେ ପାଳନ ହୋଇ ଯାଇଛି ।ଏଥିରେ ବଲାଙ୍ଗୀର ପୂଜ୍ୟ ପୂଜା ସଂଗଠନ, ସଂଗଠକ ମଦନ ରଥଙ୍କ ସହଯୋଗ କରିଥିଲେ ।ଏହି ଅବସରରେ ପରିଷଦର ସଭାପତି ଡକ୍ଟର ଭବାନୀ ଶଙ୍କର ପଟେଲ, ପୌରହିତ୍ୟ କରିଥିଲେ ।ମୁଖ୍ୟ ଅତିଥୀ ଭାବରେ ଶ୍ରୀମାନ ଗୋପାଳଜୀ ପାଣିଗ୍ରାହୀ ବରିଷ୍ଠ ବି,ଜେ,ପି ନେତା ଦୀପ ପ୍ରଜ୍ୱଳନ କରିଥିଲେ ।ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଗିରିଜା ଶଙ୍କର ରଥ, ସମ୍ମାନୀତ ଅତିଥୀ ,ମୁଖ୍ୟ ବକ୍ତା ଭାବେ ଡକ୍ଟର ପ୍ରେମ ଚାନ୍ଦ ମହାନ୍ତି,ଅବସରପ୍ରାପ୍ତ ପ୍ରଧାପକ ମଞ୍ଚାସୀନ ଥିଲେ ।ସଭାକୁ ସଂଯୋଜନା ଭାବରେ ଡାକ୍ତର ଅଶୋକ ସେଠୀ ପରିଚାଳନା କରିଥିଲେ ।ଏହି ସଭାରେ ମୁଖ୍ୟ ବକ୍ତାଙ୍କ ସହ ସମସ୍ତ ଅତିଥୀ ବୃନ୍ଦ ଅଟଳ ଙ୍କ ଜୀବନୀ ତଥା ପ୍ରତିଭା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ସ୍ମୃତିଚାରଣ କରିଥିଲେ ।ଏହି ଅବସରରେ କବିତା ପାଠୋତ୍ସବ ହୋଇଥିଲା ।କବିତା ପାଠ କରିଥିଲେ ଶ୍ରୀମତୀ ପଙ୍କ ଜିନୀ ପଣ୍ଡା,ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ,ହୃଷିକେଶ ପୁରୋହିତ, ବଳିଷ୍ଟ ପ୍ରଧାନ, ନଳିନୀପ୍ରଭା ସତପଥି, ରାଜକିଶୋର ପଣ୍ଡା,ଧର୍ମ ବ୍ରତ ରଥ, ଶ୍ରୀମତି ରଶ୍ମିପାତ୍ର, ଡାକ୍ତର ଅଶୋକ ସେଠୀ, ଶ୍ରୀ ଗିରିଜା ଶଙ୍କର ରଥ, ଡକ୍ଟର ଭବାନୀ ଶଙ୍କର ପଟେଲ ,ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।ଏହି ସଭାରେ ସାହିତ୍ୟ ପ୍ରେମୀ ନାଟ୍ୟକାର ଜଗଦାନନ୍ଦ ଛୁରିଆ, ଜୟ କୁମାର ଆଚାର୍ଯ୍ୟ, ପ୍ରମୋଦ କୁମାର ସାହୁ, ରମାଇ ଷଡଙ୍ଗୀ, ବିଭୁ ଦତ୍ତ ମିଶ୍ର, ଦିବାକର ହୋତା, ସୁକାନ୍ତୀ ମଂଜରୀ ପାଣି, ତଥା ଅନେକ ସାହିତ୍ୟିକ, ସମାଜ ସେବୀ ସମାବେଶ ହୋଇଥିଲେ ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆର୍ଥିକ ଉଦାରୀକରଣର ଜନକ ଡ଼.ମନମୋହନ ସିଂଙ୍କ ଶୋକସଭା ଅନୁଷ୍ଠିତ




ବାଲେଶ୍ୱର, ୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ପୁର୍ବତନ ପ୍ରଧାନମନ୍ତ୍ରୀ ତଥା ଆର୍ଥିକ ଉଦାରିକରଣର ଜନକ ଡ଼.ମନମୋହନ ସିଂ ଙ୍କ ଶୋକସଭା ଜିଲ୍ଲା ସଭାପତି ସଞ୍ଜୀବ ଗିରି ଙ୍କ ସଭାପତିତ୍ୱରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇ ଯାଇଅଛି ।ଗତକାଲି ଡ଼.ମନମୋହନ ସିଂ ଙ୍କ ଦେହାନ୍ତ ହେବା ପରେ ସମସ୍ତ କଂଗ୍ରେସ କର୍ମୀ,ନେତା,ତଥା ସମସ୍ତ ଦେଶବାସୀଙ୍କ ମହଲରେ ଶୋକର ଛାୟା ସୃଷ୍ଟି ହୋଇଯାଇ ଅଛି । ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଏହି ଶୋକସଭାରେ ଜିଲ୍ଲା ସଭାପତି ସଞ୍ଜୀବ ଗିରି ଙ୍କ ସହ ରେମୁଣାର ପୁର୍ବତନ ବିଧାୟକ ସୁଦର୍ଶନ ଜେନା,ନାରୀନେତ୍ରୀ ଅର୍ଚ୍ଚନା ନନ୍ଦି,ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା,ବିକାଶ କୁମାର ଦାସ,ପ୍ରମୁଖ ନିଜ ବକ୍ତବ୍ୟରେ ମନରେଗା ଠାରୁ ଆରମ୍ଭ କରି,ସୂଚନା ଅଧିକାର ଆଇନ, ଖାଦ୍ୟସୁରକ୍ଷା ଆଇନ, ଶିକ୍ଷା ଅଧିକାର ଆଇନ ଭଳି ବିଭିନ୍ନ ଜନ ହିତକର ଆଇନ ପ୍ରଣୟନ କରି ସେ ସ୍କୁଲ ରେ ପିଲା ପାଠପଢିବା, ସମସ୍ତ ସରକାରୀ କାର୍ଯ୍ୟକ୍ରମ ବିଷୟରେ ପୁଙ୍ଖାନୁ ପୁଙ୍ଖ ଜାଣିବା, ରିହାତି ମୂଲ୍ୟରେ ଖାଦ୍ୟ ଶସ୍ୟ ବ୍ୟକ୍ତି ପିଛା ୫ କିଲୋ ପାଇବା,ତଥା ୧୦୦ ଦିନର ରୋଜଗାର ସରକାରଙ୍କ ଠାରୁ ପାଇବା ଆଇନ ପ୍ରଣୟନ କରି ତଥା ଅର୍ଥମନ୍ତ୍ରୀ ଥିବା ସମୟରେ ଭାରତ ଆର୍ଥିକ ସ୍ଥିତି ପୁରା ଭୁଶୁଡି ଯାଉଥିବା ବେଳେ ଡ଼.ମନମୋହନ ସିଂ ଙ୍କ ପ୍ରଚେଷ୍ଟା ରେ ଆର୍ଥିକ ଉଦାରିକରଣ ନୀତିରେ ଭାରତକୁ ପୁଣି ଆର୍ଥିକ ସ୍ଥିତି କ୍ଷେତ୍ରରେ ସୁଦୃଢ କରେଇବା, ସୀମାହୀନ ପ୍ରସଙ୍ଗସନିୟ ଏବଂ ଚିର ନମସ୍ୟ ବୋଲି କହିଥିଲେ ।ସରୋଜ ଲେଙ୍କା, ରଞ୍ଜନ ଦାସ,ଜ୍ୟୋସ୍ନା ସେନାପତି,ପ୍ରତିମା ପଣ୍ଡା,ବାସନ୍ତୀ ନାୟକ, କୁମୁଦୁନି ଦାଶ,ହେମାଲତା ଦାସ, ଜୁବୁଲି ପଣ୍ଡା,ତରୁଣ ଦାସ, କୃଷ୍ଣଗୋପାଳ ପଣ୍ଡା, ଦେବଦତ୍ତ ଦାସ,ଯଶୋଦା ସିଂ,ଉପେନ୍ଦ୍ର ବେହେରା,କହ୍ନେଇ ବେହେରା ପ୍ରମୁଖ ଡ଼.ମନମୋହନ ସିଂ ଙ୍କ ଫୋଟ ଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।ଆରମ୍ଭରୁ ୨ ମିନିଟ ନିରବ ପ୍ରାର୍ଥନା, କରାଯାଇଥିବା ବେଳେ ଡ଼.ମନମୋହନ ସିଂ ଅମର ରହେ। ମନମୋହନ ସିଂ ଦେଶ ଆପକୋ ୟାଦ ରଖେଗା ଧ୍ୱନି ଦେଇ ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୀବନ ମହାପାତ୍ର, ଅଶ୍ୱିନୀ ପାତ୍ର,କେଶବ ନାୟକ, ବିଦ୍ୟାଧର ମହାନ୍ତି,ବିନିତା ବାରିକ,ସୁରେଶ ଜେନା,ଯୁଗଳ ମୋହଲ,ଆରତୀ ଜେନା,ଉତ୍ତମ ପ୍ରଧାନ,ରବୀନ୍ଦ୍ର ଘଡେଇ,ନିରଞ୍ଜନ ଦାସ,ରାଜେନ୍ଦ୍ର ପାତ୍ର,ସୁଧାକର ରାଉତ,ଅଞ୍ଜନ ମିଶ୍ର,ଜାଗେଶ୍ୱର ବେହେରା,ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ଅଦିନିଆ ବର୍ଷାରେ ଫସଲ ନଷ୍ଟ ସମ୍ପର୍କରେ ସମୀକ୍ଷା କଲେ ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ବିଭିନ୍ନ ଗଣମାଧ୍ୟମରେ ଅଦିନିଆ ବର୍ଷାରେ ଫସଲ ନଷ୍ଟ ସମ୍ପର୍କିତ ପ୍ରକାଶିତ ଓ ପ୍ରସାରିତ ଖବରକୁ ଗମ୍ଭୀରତାର ସହ ଗ୍ରହଣ କରି ଆଜି ଏକ ସମୀକ୍ଷା ବୈଠକ କରିଛନ୍ତି ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ । ଚାଷୀମାନଙ୍କଠାରୁ ସୂଚନା ପାଇବା ପରେ କିପରି ଯଥାଶୀଘ୍ର କ୍ଷେତ୍ର ଅନୁଧ୍ୟାନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ଏବଂ ଚାଷୀଙ୍କୁ ଯଥାଶୀଘ୍ର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୀମା କମ୍ପାନୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ସମବାୟ ମନ୍ତ୍ରୀ କ୍ଷ ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ସମବାୟ ଏବଂ କୃଷି ବିଭାଗର ବରିଷ୍ଠ ଅଧିକାରୀ, ଓଡ଼ିଶାରେ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରୁଥିବା ଚାରି ଗୋଟି ବୀମା କମ୍ପାନୀ, ଯଥା – ରିଲାୟନ୍ସ ଜି.ଆଇ.ସି., ଏସ୍.ବି.ଆଇ. ଜି.ଆଇ.ସି., ଫ୍ୟୁଚର ଜେନେରାଲି, ଏ.ଆଇ.ସି.ଆଇ. ର ରାଜ୍ୟସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ...

ଭାରତର ରାଜନୀତି ଓ ଆର୍ଥିକ ସୁଧାର କ୍ଷେତ୍ରରେ ମନମୋହନ ସିଂହଙ୍କ ଯୋଗଦାନକୁ ସବୁବେଳେ ମନେ ରଖିବ ଦେଶ। ପ୍ରଖ୍ୟାତ ଅର୍ଥନୀତିଜ୍ଞ, ଭାରତବର୍ଷରେ ଜଗତୀକରଣ ଅର୍ଥନୀତିର ପ୍ରବର୍ତ୍ତକ ଥିଲେ ମନମୋହନ ସିଂହ। ସେ ଅତି ସରଳ, ଅମାୟିକ ଓ ଅତ୍ୟନ୍ତ ନମ୍ର ସ୍ୱଭାବର ବ୍ୟକ୍ତି ଥିଲେ। ୩୩ ବର୍ଷ ଧରି ରାଜ୍ୟସଭାର ସଦସ୍ୟ ରହିଥିଲେ। ଗତବର୍ଷ ଏପ୍ରିଲରେ ରାଜ୍ୟସଭା ସାଂସଦ ଭାବରେ ଅବସର ନେଇଥିଲେ ମନମୋହନ ସିଂହ। ତାଙ୍କୁ ୧୯୮୭ରେ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ମନମୋହନଙ୍କ ବିୟୋଗରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଏହି ପରିପ୍ରେକ୍ଷୀରେ ଆଜି ସମସ୍ତ ସରକାରୀ କାର୍ଯ୍ୟକ୍ରମ ବାତିଲ୍ କରିବାକୁ ଘୋଷଣା କରାଯାଇଛି ।ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ମହମୋହନ ସିଂହଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ । ତେବେଏହା କେବେ ଓ କେଉଁଠି ହେବ ସେ ନେଇ କିଛି ନିର୍ଦ୍ଦିଷ୍ଟ ସୂଚନା ମିଳିନି। ଶ୍ରୀ ସିଂହଙ୍କ ପରଲୋକ ଯୋଗୁ କଂଗ୍ରେସ ମଧ୍ୟ ଆସନ୍ତା ୭ ଦିନ ପାଇଁ ଦଳର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛି। ମନମୋହନ ସିଂହ ଙ୍କ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଥିବାରୁ ଚଳିତ ବର୍ଷ ଦଳର ପ୍ରତିଷ୍ଠା ଦିବସ ବି ପାଳନ କରାଯିବନି ବୋଲି ସୂଚନା ଜାରି କରାଯାଇଛି। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଦଳର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏହି ସମୟ ମଧ୍ୟରେ ଦଳର ପତାକା ଅର୍ଦ୍ଧନତ ଅବସ୍ଥାରେ ରହିବ ।

## ରାଜ୍ୟରେ ୪୦...

କିଏ ମରି ସ୍ୱର୍ଗରେ ଥିବା ସତ୍ତ୍ୱେ ତାଙ୍କ ନାଁରେ ରାସନ ଉଠୁଛି। ଯାହା ବିଗତ ୨୪ ବର୍ଷଧରି ଚାଲି ଆସୁଥିଲା। କିନ୍ତୁ ଆମ ସରକାର ଆସିବା ପରେ ଏସବୁ ଧରପଗଡ ଆରମ୍ଭ ହୋଇଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାସନ କାର୍ଡ ଭଳି ରାଜ୍ୟରେ ଭୂତ ଚାଷୀ ରହିଛନ୍ତି। କିଛି ଲୋକ ଚାଷ ନକରି ଚାଷୀଙ୍କୁ ମିଳୁଥିବା ସରକାରୀ ସହାୟତା ହଡପ କରିବା ଉଦ୍ଦେଶ୍ୟରେ ରେଜିଷ୍ଟ୍ରେସନ କରିଛନ୍ତି। ପ୍ରକୃତ ଚାଷୀଙ୍କ ବାବଦରେ ଜାଣିବା ପାଇଁ ଆଉଥରେ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ଆରମ୍ଭ କରିଛନ୍ତି। ସେମିତି ଜଣେ ଖାଉଟି ହେଉଛନ୍ତି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ ମାଲିପେଟା ଗାଁ କମୁ ମାଳି। ରାସନ୍ କାର୍ଡ ଖଣ୍ଡେ ପାଇଁ ପଞ୍ଚାୟତଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡି ସେ ନିରାଶ ହେଲେଣି। ଠିକ୍ ସେମିତି ଆଉ ଜଣେ ଖାଉଟି ହେଉଛନ୍ତି ନାରାୟଣପାଟଣା ବ୍ଲକ ବିକ୍ରମପୁର ଗାଁର ଜଗବନ୍ଧୁ। ତାଙ୍କର ଅବସ୍ଥା ଠିକ୍ ସେମିତି। ଘରେ ଦୁଇଟି ଛୋଟ ପିଲା ଥିବା ବେଳେ ମୂଲମଜୁରୀ ଲାଗି ପରିବାର ଚଳାଉଛନ୍ତି। ଚାରି ବର୍ଷ ଧରି ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ମିଳିପାରୁନି କାର୍ଡ ଖଣ୍ଡେ। ସମାନ ଚିତ୍ର ଆସିଛି ଉପକୂଳ ଓଡ଼ିଶାରୁ। ଭଦ୍ରକ ବାସୁଦେବପୁର ନଟିଆପାଳ ଗାଁର ମାନସୀ ଜେନାଙ୍କ ସ୍ୱାମୀ ଦିନ ମଜୁରିଆ ହୋଇଥିବା ବେଳେ ପଲିଥିନ୍ ପାଲ ତଳେ ଜୀବନ ବିତାଉଛନ୍ତି। କାର୍ଡ ଖଣ୍ଡେ ପାଇଁ ୧୦ ବର୍ଷ ହେଲା ଦୌଡିଛନ୍ତି ପଞ୍ଚାୟତରୁ ବ୍ଲକ୍ ଅଫିସକୁ। ଗାଁର ବଡବଡିଆ ଓ ଚାକିରିଆ କାର୍ଡ ପାଇଥିବା ବେଳେ ମାତ୍ର ତାଙ୍କ କଥା କେହି ଶୁଣୁନାହାଁନ୍ତି।

## ଜଷ୍ଟିସ ବିଶ୍ୱନାଥ ...

ଆଚାର୍ଯ୍ୟ ଓ ଆଇନ ବିଭାଗର ପ୍ରମୁଖ ସଚିବଙ୍କୁ ସାମିଲ କରାଯାଇଛି । ସେହିପରି ଦୁଇଜଣ ବରିଷ୍ଠ ଆଡଭୋକେଟ୍ ଶ୍ରୀ ମିଶ୍ର ଓ ଶ୍ରୀ ମହାପାତ୍ର ଏହି କମିଟିରେ ସ୍ଥାନ ପାଇଛନ୍ତି । କମିଟିର ସଦସ୍ୟ ସଚିବ ଭାବେ ଜଣେ ଅତିରିକ୍ତ ସଚିବ ପାହ୍ୟାର ଅଫିସର କାର୍ଯ୍ୟ କରିବେ ଯିଏକି କମିଶନଙ୍କ ସଚିବ ମଧ୍ୟ ରହିବେ । ଆଜି ପୁନର୍ଗଠିତ ଏହି ଲ' କମିଶନରେ ଅଧ୍ୟକ୍ଷଙ୍କୁ ମିଶାଇ ମୋଟ ୬ଜଣ ସଦସ୍ୟ ରହିଛନ୍ତି । ଏହି କମିଟି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସର୍ବାଧିକ ୩ବର୍ଷ ନଚେତ୍ ୭୦ବର୍ଷ ବୟସ ହେବା ପର୍ଯ୍ୟନ୍ତ(ଯେଉଁଟି ଆଗ ପଡ଼ିବ) ବୋଲି ଜଣାପଡ଼ିଛି । ଏହି କମିଟି ରାଜ୍ୟରେ ଅପ୍ରାସଙ୍ଗିକ ହୋଇପଡ଼ିଥିବା ବିଭିନ୍ନ ରାଜ୍ୟ ଆଇନର ତର୍ଜମା କରି ସେଦିଗରେ ରାଜ୍ୟ ସରକାରଙ୍କୁ ସୁପାରିଶ କରିବେ ।

## ବଢ଼ିଲା ମୁଖ୍ୟ ...

ରାଜ୍ୟରେ ବିଜେପି ସରକାର ଆସିବା ପରେ କେନ୍ଦ୍ରୀୟ ଡେପୁଟେସନରେ ଥିବା ମନୋଜ ଆହୁଜାଙ୍କୁ ଓଡ଼ିଶା ଫେରାଇବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଶ୍ରୀ ଆହୁଜାଙ୍କ ଗୃହ କ୍ୟାଡରକୁ ଫେରିଯିବାକୁ ଅନୁମତି ଦେଇଥିଲେ। ଏହା ପରେ ଶ୍ରୀ ଆହୁଜା ଭୁବନେଶ୍ୱର ଫେରି ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମନୋଜ ଆହୁଜା ହେଉଛନ୍ତି ୧୯୯୦ ବ୍ୟାଚର ଆଇଏଏସ୍ ଅଫିସର୍।

## ଭାରତର ୱାଣ୍ଟେଡ ଆତଙ୍କବାଦୀର ...

ବୟାନ ଦେଉଥିଲା ମକ୍କି,ଭାରତ ବିରୋଧୀ ଭାଷଣ ପାଇଁ ମକ୍କି ପାକିସ୍ତାନରେ ପ୍ରସିଦ୍ଧ ଥିଲା। ୨୦୧୭ରେ ଜମ୍ମୁ-କଶ୍ମୀରରେ ଭାରତୀୟ ସୁରକ୍ଷା ବାହିନୀ ଦ୍ୱାରା କରାଯାଇଥିବା ଅପରେସନରେ ତାଙ୍କ ପୁଅ ଓବେଦ ରେହମାନ ମକ୍କି ନିହତ ହୋଇଥିଲା।

# ବେତନଟୀ ପ୍ରିମିୟର ଲିଗ୍ ଦଶମ ଦିନରେ : ଫାଇନାଲରେ ବାହାନଡା ଟାଇଗର




ବେତନଟୀ, ୨୭/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ଦଶମ ଦିନରେ ପ୍ରଥମ କ୍ୱାଲିଫାଇୟର ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ଟି ମା ଦୁର୍ଗା ଫାଇଟର ଓ ବାହାନଡା ଟାଇଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ମା ଦୁର୍ଗା ଫାଇଟର ୨୦.୧ ଓଭରରେ ସମସ୍ତ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ବାହାନଡା ଟାଇଗର ୧୪.୩ ଓଭରେ ରେ ୪ ୱିକେଟ ହରାଇ ୧୦୩ ରନ କରି ବିଜୟ ଲାଭ କରି ଫାଇନଲା ରେ ପ୍ରବେଶ କରିଛି । ବାହାନଡା ଟାଇଗର ର ଖେଳାଳି ଶ୍ରୀକାନ୍ତ ବେହେରା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ଯୁବ ନେତା ସଞ୍ଜୁ ଦ୍ୱିବେଦୀ ପୁରସ୍କୃତ କରିଥିଲେ। ଏହି ଖେଳକୁ କେ ଇନ୍ଦ୍ର ପ୍ରସାଦ ଓ ପ୍ରକାଶ ଜ୍ୟୋତି ଆଦିତ୍ୟ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଅନଲାଇନ ସ୍କୋର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

# ନୀଳଗିରି ସତ୍ୟସାଇ ସେବା ସମିତିଠାରେ ୪ଦିନିଆ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ନୀଳଗିରି, ୨୭/୧୨ (ନି.ପ୍ର): ବିଶ୍ୱବିଖ୍ୟାତ ଯୋଗଗୁରୁ ଶ୍ରୀଶ୍ରୀ ରବିଶଂକରଙ୍କ ଶିଷ୍ୟା ତଥା ସୁଦର୍ଶନ କ୍ରିୟାଯୋଗର ସୁନାମଧନ୍ୟା ପ୍ରଶିକ୍ଷକ, ଖ୍ୟାତନାମା କବି ସଂଯୁକ୍ତା ବିଶ୍ୱାଳଙ୍କ ଦ୍ୱାରା ୨୭ତାରିଖ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ପ୍ରତ୍ୟହ ସଂଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଯୋଗ,ଧ୍ୟାନ, ପ୍ରାଣାୟମ ଓ ସୁଦର୍ଶନ କ୍ରିୟା ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ଶୁକ୍ରବାର ସଂଧ୍ୟା ୫ ଟାରେ ଆରମ୍ଭ ହୋଇଛି ।ସୂଚନାରୁ ଜଣାଯାଇଛି ଅପରାହ୍ନ ୫ଘଟିକାରେ ଶ୍ରୀ ଶ୍ରୀ ସତ୍ୟସାଇ ସେବାସମିତି, ନୀଳଗିରି ଭଜନଗୃହ ପରିସରରେ, ଚାରିଦିନିଆ ଯୋଗପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ୩ ଥର ଓଁ କାର ଧ୍ୱନିକରି ରାଜଯୋଗ ପ୍ରଶିକ୍ଷୀକା ଶ୍ରୀମତୀ ବିଶ୍ୱାଳ ଆରମ୍ଭ କରିଥିଲେ। ଏଥିରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଭାଗ ନେଇଥିବା ବେଳେ,ଆଗାମୀ ୩ ଦିନ ଧରି ଚାଲିବାକୁ ଥିବା,ଯୋଗପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟକ ବ୍ୟକ୍ତି ଭାଗ ନେବାର ଆଶା କରାଯାଇଛି। ଏହି ପ୍ରଭାବଶାଳୀ ଯୋଗଶିବିରରେ,ଯୋଗ ପ୍ରେମୀ ମାନଙ୍କୁ ବହୁସଂଖ୍ୟାରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

# ଧର୍ମପରାୟଣ ଓ ଅନୁଷ୍ଠାନ ପ୍ରେମୀଙ୍କ ପରଲୋକ

ବାଲେଶ୍ୱର, ୨୭/୧୨ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମପଞ୍ଚାତସ୍ଥ ବିଞ୍ଝ ଗ୍ରାମର ଧର୍ମ ପରାୟଣ ଓ ଅନୁଷ୍ଠାନ ପ୍ରେମୀ ଉଦୟନାଥ ପୁହାଣଙ୍କ ଗତ ରବିବାର (ତା୨୨. ୧୨. ୨୦୨୪ରିଖ) ଅପରାହ୍ନ ୨ଟା ୪୫ ମିନିଟ ସମୟରେ ତାଙ୍କ ନିଜ ବାସଭବନରେ ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ପାଖରେ ତାଙ୍କ ଧର୍ମପତ୍ନୀ ସରସ୍ୱତୀ, ଦୁଇ ପୁଅ କମଳାକାନ୍ତ ଓ ମାନସ, କନ୍ୟା ଝରୁ, ବୁଢ଼ିଆଣୀ, ମୀନତି ଓ ରଞ୍ଜୁଲତା, ଜ୍ୱାଇଁ କମଳାକାନ୍ତ ଜେନା ଓ ଶଚୀନ୍ଦ୍ର କୁମାର ପୃଷ୍ଟି, ସାନ ଭାଇ ଉଇଟିକିରୀ ଶାନ୍ତିଲତା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ମୃତ୍ୟୁଞ୍ଜୟ ପୁହାଣ, ଶିକ୍ଷକ ଅମୂଲ୍ୟ କୁମାର ରାଉତ, ନାତି ବିନୟ, ପିୟୁଷ, ବିଷ୍ଣୁ, ଚିନ୍ମୟ, ବାୟୁ, ସିପୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବାର ପାଇ ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ଚରଣ ବେହେରା, ପଞ୍ଚୁପଡ଼ା ସମିତି ସଭ୍ୟା ହାରାମଣୀ ବେହେରା, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଶିବ ପ୍ରସାଦ ମହାନ୍ତି, ଶ୍ରୀରାମପୁର ସରପଞ୍ଚ ଲକ୍ଷ୍ମୀଧର ଜେନା ପ୍ରମୁଖ ପହଞ୍ଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ତାଙ୍କ ଶବକୁ ଗ୍ରାମପରିକ୍ରମା ପରେ ମଶାଣିରେ ଦାହ କରାଯାଇଥିଲା । ତାଙ୍କ ଜ୍ୟେଷ୍ଠ ପୁତ୍ର କମଳାକାନ୍ତ ମୁଖାଗ୍ନି ଦେଇଥିଲେ । ସେ ଜଣେ ସଚ୍ଚୋଟ, ସରଳ, ଅନୁଷ୍ଠାନ ପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସୁପରିଚିତ । ତାଙ୍କ ମୃତ୍ୟୁରେ ସେ ଅଞ୍ଚଳରେ ଦୁଃଖର ଛାଇ ଖେଳି ଯାଇଛି ।

# ନାୟିକାଣିଡିହିରେ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ



ବାସୁଦେବପୁର, ୨୭/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟିକାଣିଡିହି ଠାରେ ଯୁବ ସମାଜ ସେବୀ ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ଙ୍କ ଦ୍ୱାରା ଆୟୋଜିତ ଏକ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ବିଜୟ ନାୟକ, ସମ୍ବିତ ମହାନ୍ତି ଓ ବହୁ ସମାଜ ସେବୀ ଯୋଗ ଦେଇଥିଲେ ଓ ପରସ୍ପରଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଥିଲେ । ଯୁବ ସମାଜସେବୀ ରତିକାନ୍ତ ପ୍ରଧାନ ପିଣ୍ଟୁ ଙ୍କ ମାଧ୍ୟମରେ ଏହି ଉତ୍ସବରେ ମୁଖ୍ୟ ଅତିଥି ବିଷ୍ଣୁ ବ୍ରତ ରାଉତରାୟ ଶହ ଶହ ଦୁଃଖୀ ଗରିବ ଲୋକଙ୍କୁ ସାଲ, ଚାଦର ଓ କମ୍ବଳ ବଣ୍ଟନ କରିଥିଲେ । ପ୍ରତ୍ୟେକ ବର୍ଷ ଏହି ପରି ଭାବେ ଏକ ନିଆରା ଢଙ୍ଗରେ ମଉସା ମାଉସୀ ମାନଙ୍କୁ ବସ୍ତ୍ର ଦାନ ଓ ଅନ୍ନ ଦାନ କରା ଯିବ ବୋଲି ରତିକାନ୍ତ ପ୍ରଧାନ ମତ ପ୍ରକାଶ କରିଥିଲେ । ସ୍ଥାନୀୟ ଗ୍ରାମବାସୀ ମାନେ ଖୁବ ମନ ଆନନ୍ଦରେ ଏହି ବନ୍ଧୁ ମିଳନ ପର୍ବ ରେ ଯୋଗ ଦେଇ ଆନନ୍ଦ ଅନୁଭବ କରିଥିଲେ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION RAIRANGPUR (MAYURBHANJ)
E-mail ID: - eerwrairangpur@yahoo.com

Letter No. // Date-

"e" Procurement Notice for Building Works
Bid Identification No – RWDRRP – 12 / 2024-25

1. Name of the work : Maintenance of buildings for the year 2024-25
2. Estimated Cost : From Rs. 2.52 to Rs 10.08 lakhs (approximately).
3. Class of Contractor : 'D' & 'C' Class or relevant Class of works license.
4. Period of Completion : 01 (One) calendar months
5. Tender Paper Cost : As per annexure/-
: The details are as follows.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Division, Rairangpur. Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Rairangpur. | RWDRRP- 12/ 2024-25 | 30.12.2024 at 11.00 A.M. | 09.01.2025 up to 5.00 P.M. | 08.01.2025 up to 5.00 P.M. | 10.01.2025 at 11.30 A.M. |

Further details can be seen from the website www.tendersodisha.gov.in

-Sd-
Er. D.Behera
Superintending Engineer
R.W.Division,Rairangpur

OIPR: 25107/11/0014/2425

# ବାବା ରାମେଶ୍ୱର ଶିବ ମନ୍ଦିର କମିଟି ତରଫରୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା, ୨୭/୧୨ (ନି.ପ୍ର): ସ୍ଥାନୀୟ ବିଜୟ ରାମଚନ୍ଦ୍ରପୁରସ୍ଥିତ ବାବା ରାମେଶ୍ୱର ଶିବ ମନ୍ଦିର କମିଟି ତରଫରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଦ୍ୟ ବାବା ରାମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଯୁକ୍ତ ପ୍ରହ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ସହିତ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ କାନ୍ଦ୍ରା ସୋରେନ, ପୂର୍ବତନ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଦିବାକର ତ୍ରିପାଠୀ, ସମାଜସେବୀ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ମନ୍ଦିରର ସୁରକ୍ଷା ତଥା ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନେଇଥିଲେ ଏବଂ ଏହାର ପାରିପାଶ୍ୱର୍ କିପରି ଉନ୍ନତିମୂଳକ କାର୍ଯ୍ୟ ହେବ ବୋଲି ପ୍ରତିଶୃତି ଦେଇଥିଲେ। କାର୍ଯ୍ୟକ୍ରମରେ ମନ୍ଦିର କମିଟିର ସଭାପତି କୃଷ୍ଣଚନ୍ଦ୍ର ବେହେରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତୋରୀୟ ଦେଇ ସ୍ୱାଗତ କରିଥିଲେ ଏବଂ ଅଭିଜିତ ପଣ୍ଡା ଅତିଥି ମାନଙ୍କୁ କାର୍ଯ୍ୟକ୍ରମରେ ମଂଚକୁ ଆମନ୍ତ୍ରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର କମିଟି ସଦସ୍ୟ ବନମାଳୀ ପାତ୍ର, ରୋମାନାଥ ସାହୁ, ଜ୍ଞାନେନ୍ଦ୍ର ଦାସ, ଖଗେଶ୍ୱର ପାତ୍ର, ଜିତ୍‌ବାନ ପାଲ, ରଜତ ପାତ୍ର, ମନରଞ୍ଜନ ଦାସ, ରସିକାନନ୍ଦ ମିଶ୍ର, ଭାରତୀ ପାତ୍ର, ପାର୍ବତୀ ରଣା, ଇନ୍ଦୁଭୂଷଣ ଜେନା, ଶିରିଶ ଚନ୍ଦ୍ର ବେହେରା, ଜଗେଶ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କମିଟିର ସମ୍ପାଦକ ଲାଲବିହାରୀ ସେଠୀ ଧନ୍ୟବାଦ ଅର୍ପଣ କରି ସଭାସଙ୍ଗ କରିଥିଲେ।

# ପଶ୍ଚିମବଙ୍ଗରେ ୧୩୦ କିଲୋ ଗଞ୍ଜେଇ ଜବତ: ଚାରି ଗିରଫ

କୋଲକାତା , ୨୭/୧୨ (ନି.ପ୍ର): ଗୁପ୍ତ ସୂଚନାକୁ ଆଧାର କରି ପଶ୍ଚିମବଙ୍ଗ ଏସଟୀଏଫର ସିଲୀଗୁଡୀ ଇକାଇ ଥାନା ଅଂଚଳର ଉନ୍ନୀସବୀସା ଅଂଚଳରେ ହିମଘର ଚୌପଥୀ ନିକଟରେ ଚଢାଉ କରି ଏକ ବାର ଚକିଆ ଟ୍ରକରୁ ଗଞ୍ଜେଇ ଉଦ୍ଧାର କରିଥିଲେ ।ଗୁରୁବାର ରାତିରେ ଘଟିଥିବା ଏହି କାର୍ଯ୍ୟରେ ଟ୍ରକରେ ଯାତ୍ରା କରୁଥିବା ଚାରିଜଣଙ୍କୁ ଗିରଫ କରାଯାଇଛି। ଗିରଫ କରାଯାଇଥିବା ଅଭିଯୁକ୍ତଙ୍କ ପରିଚୟ ସଞ୍ଜୁ କୁମାର(୩୨), କମଳ ସିଂହ ଚୌହାନ(୩୮), ଜିତେନ୍ଦ୍ର ସିଂହ(୩୮)ଏବଂ ରାହୁଲ କଶ୍ୟପ(୨୫)ବୋଲି ଜଣାପଡିଛି। ଏମାନେ ସମସ୍ତେ ଉତ୍ତର ପ୍ରଦେଶର ଫରୁଖାବାଦ ଏବଂ ମେନପୁରୀ ଜିଲ୍ଲାର ବାସିନ୍ଦା ।ପୋଲିସ ସୁଚନାନୁସାରେ ଜବତ କରାଯାଇଥିବା ଗଞ୍ଜେଇର ବଜାର ମୁଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଅଦିନିଆ ବର୍ଷାରେ ଫସଲ କ୍ଷତି ହୋଇଥିଲେ ସହାୟତା ପ୍ରଦାନ କରାଯିବ: ଜିଲ୍ଲା ପ୍ରଶାସନ

ବାରିପଦା, ୨୭/୧୨ (ନି.ପ୍ର): ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ବୀମାଭୁକ୍ତ ଚାଷୀଙ୍କୁ ଉଚିତ କ୍ଷତି ପୂରଣ ଦିଆଯିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ବାର୍ତ୍ତା ଦେଇ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ କହିଛନ୍ତି ଯେ କୃଷକ ଫସଲ ବୀମା ପଂଜିକୃତ ଚାଷୀ ଯେଉଁ ମାନଙ୍କର ଅଦିନିଆ ବର୍ଷାରେ ଫସଲ ହାନି ହୋଇଛି ସେମାନଙ୍କୁ ଏହି ସହାୟତା ପ୍ରଦାନ କରାଯିବ। ଏଥିନିମନ୍ତେ, କ୍ଷତିଗ୍ରସ୍ତ ଚାଷୀମାନେ ସ୍ଥାନୀୟ ଜଓ , ତହସିଲ କିମ୍ବା କୃଷି କାର୍ଯ୍ୟାଳୟରେ ସୂଚନା ଦେଲେ, ଏହାର ସତ୍ୟତା ତନଖିବା ପାଇଁ ଏକ ଯାଞ୍ଚ ଟିମ ଚାଷ ଜମିକୁ ଯାଇ ଯାଞ୍ଚ କରି ରିପୋର୍ଟ ମୁତାବକ ଏବଂ ସରକାରୀ ପ୍ରାବଧାନ ଅନୁଯାୟୀ ଚାଷ କ୍ଷତି ହୋଇଥିଲେ, ସରକାରଙ୍କ ପକ୍ଷରୁ କ୍ଷତି ପୂରଣ ଦିଆଯିବ। ସୂଚନାଥାଉଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ନିୟମାନୁଯାୟୀ ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତି ପାଇଁ ମଧ୍ୟ ବୀମା ସହାୟତା ପ୍ରଦାନ କରାଯାଏ । ଯଦି ଅମଳ ହୋଇଥିବା ଫସଲ କ୍ଷେତରେ ବିଡା ବନ୍ଧା ଅବସ୍ଥାରେ କିମ୍ବା ଖଳାରେ ଶୁଖାଯାଇଥିବା ଅବସ୍ଥାରେ ଅମଳର ୧୪ ଦିନ ମଧ୍ୟରେ ଅଦିନିଆ ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଛି, ତେବେ ବୀମା ସହାୟତା ପ୍ରଦାନ ପାଇଁ ଚାଷୀମାନେ ଯୋଗ୍ୟ ଅଟନ୍ତି । ସୂଚନାଯୋଗ୍ୟ, ବିଗତ କିଛି ଦିନ ଧରି ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଦେଓଗଡ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ପୁରୀ, ରାୟଗଡା ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି । ଏହି ଅଦିନିଆ ବର୍ଷା ଯୋଗୁଁ ଅନେକ ଚାଷୀଙ୍କ ଅମଳ ଖରିଫ ଫସଲ କ୍ଷତିଗ୍ରସ୍ତ ହୋଇଥିବାର ଆଶଙ୍କା କରାଯାଉଛି । ଏହି ସମସ୍ତ ଜିଲ୍ଲାରେ ୧୫ ଲକ୍ଷରୁ ଅଧିକ ଚାଷୀ ଫସଲ ବୀମା ଯୋଜନାରେ ସେମାନଙ୍କ ଖରିଫ ଫସଲକୁ ପଞ୍ଜୀକୃତ କରିଛନ୍ତି । ଏଥିପାଇଁ କ୍ଷତି ହେବାର ୭୨ ଘଣ୍ଟା ମଧ୍ୟରେ "କୃଷି ରକ୍ଷକ" ପୋର୍ଟାଲ କିମ୍ବା "କୃଷି ରକ୍ଷକ ହେଲ୍ପଲାଇନ ନମ୍ବର" ୧୪୪୪୭ ରେ ସୂଚନା ଦେବାକୁ ଗଣମାଧ୍ୟମ ଜରିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି । ଅଧିକ ସହାୟତା ପାଇଁ ନିକଟସ୍ଥ କୃଷି ଅଧିକାରୀ – VAW, BAO, DAO, CDAO କିମ୍ବା ସମବାୟ ଅଧିକାରୀ- CEO, ARCS, DRCS ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ସୁରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବ ଉଦ୍‌ଘାଟିତ




ଜଳେଶ୍ୱର , ୨୭/୧୨ (ନି.ପ୍ର): ୧୯୭୩ ମସିହା ତତ୍କାଳୀନ ଏ ଅଞ୍ଚଳର ବୁଦ୍ଧିଜୀବୀ, ଜ୍ଞାନୀଗୁଣୀ, ଶିକ୍ଷାବିତ ଆଦି ମଫସଲ ଅଂଚଳରେ ହାଇସ୍କୁଲ ଶିକ୍ଷାର ବିକାଶ ଲାଗି ସ୍ୱପ୍ନ ଦେଖୁଥିଲା ବେଳେ କିଛି ବଦ୍ୟାନ ବ୍ୟକ୍ତିଙ୍କ ସହଯୋଗର ହାତ ବଢ଼ାଇ ପାଳସାହି ସୁରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ବହୁ ବାଧା ବିଘ୍ନ ଘାତ ପ୍ରତିଘାତରେ ଆଗକୁ ବଢ଼ିବା ସହିତ ବହୁ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ତଥା ଦେଶ ସୁରକ୍ଷାରେ ନିଜକୁ ଉତ୍ସର୍ଗ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗଢିତୁଳିଥିବା ଆଜି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ବାଇଗଣବାଡିଆ ପଞ୍ଚାୟତ ପାଳସାହି ଗ୍ରାମର ସୁରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ରୋମନ୍ଥନ କରୁଛି ତାର ଅତୀତ ଗାଥାର ସମସ୍ତ ସ୍ମୃତି।ସେହି ସ୍ମୃତିକୁ ପରସ୍ପର ମଧ୍ୟରେ ବାଣ୍ଟିବା ପାଇଁ ଏବଂ ତାକୁ ଧରି ରଖିବା ପାଇଁ ମନ ଆଇନାର ପରଶମଣିରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆଜି ପାଳନ କରୁଛି ସଂସଦର ସଦସ୍ୟ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବେଣୁଧର ପରିଡ଼ାଙ୍କ ସଭାପତିତ୍ୱରେ ସୁବର୍ଣ୍ଣଜୟନ୍ତୀ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏହି ସୁବର୍ଣ୍ଣଜୟନ୍ତୀ ସମାରୋହ ଉତ୍ସବରେ ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଦୀନକୃଷ୍ଣ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଅଧ୍ୟାପକ କେଦାର ନାଥ ମାହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର ବହୁ ମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ, ବ୍ଲକ ଅଧକ୍ଷ ମାନସ କୁମାର ଜେନା,ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଜିଲ୍ଲା ପରିଷଦ ସଭ୍ୟା ମିନତୀ ରାଣୀ ଜେନା,ସରପଞ୍ଚ ବିଷ୍ଣୁପଦ ପାତ୍ର,ସମିତି ସଭ୍ୟା ବାସନ୍ତୀ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର କୋଷାଧକ୍ଷ ରବିନ୍ଦ୍ର ନାଥ ପାଲ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ବାଗ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।ଅବସର ନେଇଥିବା ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦେବାଶିଷ ଗିରୀ ଧନ୍ୟବାଦ ଅର୍ପଣ କରିଥିଲେ। ପଙ୍କଜ କୁମାର ଗିରି, ଗାୟତ୍ରୀ ଜେନା, ମୃତ୍ୟୁଞ୍ଜୟ ଜେନା, ସୁଜାତା ସୋରେନ, ଜଗବନ୍ଧୁ ଘଡ଼େଇ, କର୍ପୂରା ସୋରେନ, ରାଜେଶ କୁମାର ଜେନା, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ହିମାଚଳ ପ୍ରଦେଶରେ ପୁଣି ବରଫପାତ ଆରମ୍ଭ

ଶିମଳା , ୨୭/୧୨ : ହିମାଚଳପ୍ରଦେଶରେ ପୁଣି ଥରେ ପାଗରେ ପରିବର୍ତ୍ତନ ହୋଇଛି। ରାଜ୍ୟର ପର୍ବତ ଶ୍ରଦ୍ଧାଳୁଙ୍କ ଉପରେ ଗତରାତିରୁ ବରଫପାତ ହୋଇଛି। ଏଥିସହିତ ରାଜଧାନୀ ଶିମଳା ନିକଟରେ ଥିବା ପର୍ଯ୍ୟଟନସ୍ଥଳ କୁଫରୀରେ ଶୁକ୍ରବାର ସକାଳରୁ ବରଫପାତ ଆରମ୍ଭ ହୋଇଛି, ଯେଉଁଥିପାଇଁ ପର୍ଯ୍ୟଟକଙ୍କ ଆନନ୍ଦ ଦ୍ୱିଗୁଣିତ ହୋଇଛି।ଶିମଳା ସହର ଏବଂ ମନାଲୀ ଭଳି ହିଲ ଷ୍ଟେସନରେ ଘନ ମେଘରେ ଆଚ୍ଛାଦିତ ହୋଇଛି ଏବଂ ପାଗ ବରଫପାତ ପାଇଁ ଅନୁକୂଳ ରହିଛି। ରାଜ୍ୟର ସମତଳ ଅଂଚଳର କେତେକ ସ୍ଥାନରେ ହାଲୁକା ବର୍ଷା ହେଉଛି। ଡିସେମ୍ବର ସୀଜନର ତୃତୀୟ ବରଫପାତ। ରାଜ୍ୟର ପାହାଡିଆ ଅଂଚଳରେ ଡିସେମ୍ବରରେ ଏହି ସୀଜନରେ ତୃତୀୟ ବରଫପାତ ହେଉଛି।

## ବେତନଟୀ କଂଗ୍ରେସ ପକ୍ଷରୁ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁରେ ଶୋକ ପ୍ରକାଶ



ବେତନଟୀ୨୭/୧୨: ଶୁକ୍ରବାର ସଂଧ୍ୟାରେ ଏକାଠି ୮୯ ସଭାକକ୍ଷରେ ରଘୁନାଥ ମୁର୍ମୁଙ୍କ ଅଧକ୍ଷତାରେ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଆୟୋଜନ ହୋଇଯାଇଛି।ଉକ୍ତ ସଭାରେ ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା,ସଂଗ୍ରାମ ମାର୍ଣ୍ଡି,ରାମଚନ୍ଦ୍ର ହେମ୍ବ୍ରମ, ଶ୍ୟାମ ମାର୍ଣ୍ଡି,ବାପୁନ ମାର୍ଣ୍ଡି,ଉଦୟ ମାର୍ଣ୍ଡି,ହରେନ୍ଦ୍ର ବେହେରା ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହି ସ୍ୱର୍ଗତ ମନମୋହନ ସିଂହଙ୍କ ଫୋଟଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।ଶେଷରେ ଆଇନଜିବୀ ପ୍ରବୀର କୁମାର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ବେଆଇନ କରତକଳ ଉପରେ ବନବିଭାଗର ଚଢଉ: ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ, ଯନ୍ତ୍ରାଂଶ ଓ ପିକଅପ୍ ଜବତ୍

ବସ୍ତା, ୨୭/୧୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ହବିଗଞ୍ଜ ଏବଂ ମନ୍ତ୍ରିଡାହୀ ଗ୍ରାମରେ ଥିବା ଦୁଇଟି ବେଆଇନ କରତକଳ ଉପରେ କଟକ ଭିଜିଲାନ୍ସ ୱିଙ୍ଗ୍ ଓ ଜିଲା ବନବିଭାଗ ପକ୍ଷରୁ ଶୁକ୍ରବାର ଅତର୍କିତ ଭାବେ ଚଢଉ କରାଯାଇ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ, ଯନ୍ତ୍ରାଶ ସହ ଏକ ପିକଅପ୍ ଭ୍ୟାନ ଜବତ୍ ହୋଇଛି।ସୂଚନା ଅନୁସାରେ ରୂପସା ଥାନା ଅଞ୍ଚଳରେ ଦୀର୍ଘ ଦିନ ଧରି ବେଆଇନ କରତକଳ ଚାଲୁ ଥିବା ବେଳେ କରତକଳକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରି ଆସୁଥିଲେ।ଫଳରେ ଉକ୍ତ ଅଭିଯୋଗକୁ ଭିତ୍ତି କରି କଟକ ଭିଜିଲାନ୍ସ ଡ଼ିସିଏଫ୍ ରଜନୀ କାନ୍ତ ମହାନ୍ତି,ଏସିଏଫ୍ ବବିତା ସୋରେନ, ଫରେଷ୍ଟର ବିବେକାନନ୍ଦ ଜେନା,ଭିଜିଲାନ୍ସ ଡ଼ିଏସପି ଆଲୋକ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଏକ ଦଳ ଆଜି ସକାଳେ ହବିଗଞ୍ଜ ଏବଂ ମନ୍ତ୍ରିଡାହୀ ଗ୍ରାମରେ ଥିବା ଦୁଇଟି ବେଆଇନ କରତକଳ ଉପରେ ଚଢାଉ କରି ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ ଓ ଯନ୍ତ୍ରାଶ ସହ ଘଟଣା ସ୍ଥଳରୁ ଏକ ପିକଅପକୁ ମଧ ଜବତ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍ସପେକ୍ଟର ଶ୍ରୀବଲ୍ଲଭ ନାୟକ, ଯଶ୍ମିତା ପୁଇ , ସବ ଇନ୍ସପେକ୍ଟର ବିଜୟ କୁମାର ପ୍ରଧାନଙ୍କ ସମେତ ବହୁ ବନ କର୍ମଚାରୀ ଉକ୍ତ ଚଢଉରେ ସାମିଲ ଥିଲେ।

# ୧୦ ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ଖଇରା, ୨୭/୧୨ (ନି.ପ୍ର): ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ନିଷ୍ପତ୍ତି ଅନୁଯାୟୀ ବାଲେଶ୍ୱର ଜିଲା ଖଇରା ବ୍ଲକରେ ୨୭ତାରିଖ ଶୁକ୍ରବାରଦିନ ୧୦ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ହେଲେ ମିଲର ଟ୍ୟାଗ ହୋଇନଥିବାରୁ ଜଣେ ହେଲେ ଚାଷି ଧାନ ଦେଇପାରିନାହାଁନ୍ତି । ପୂର୍ବରୁ ମଣ୍ଡିଖୋଲିବା ଦିନ ହିଁ ଧାନକିଣା ଯାଉଥିଲେ ହେଁ ଚଳିତ ବର୍ଷ ବିନା ଧାନକିଣାରେ କେବଳ ମଣ୍ଡି ଖୋଲି ଚାଷୀଙ୍କୁ ଭଣ୍ଡାଇଛନ୍ତି। ଏଣୁ ଚଳିତ ବର୍ଷର ଏଭଳି ମଣ୍ଡି ଖୋଲା ପ୍ରହସନ ପାଲଟିଛି ବୋଲି ବିଭିନ୍ନ ସମିତିର ଚାଷି ମାନେ ଅଭିଯୋଗ କରିଛନ୍ତି। ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ର ପ୍ରଥମେ ଅନ୍ତରା ସମିତିର ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ପରେ ଓସଙ୍ଗ, ମାଣିତ୍ରୀ, ଡୁଙ୍ଗୁରା, ଗୋଳିହା, ପଳସା, ଖଇରା, ବର୍ତ୍ତନା, ହରିପୁର ଓ ଗଡପୋଖରୀ ଧାନମଣ୍ଡିକୁ ଉଦଘାଟନ କରିଥିଲେ ।ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର , ରଶ୍ମିତା ମହାପାତ୍ର,ସମବାୟ ବ୍ୟାଙ୍କ ପରିଚାଳକ ଯଦୁନାଥ ସ,କ୍ଷେତ୍ର ଅଧିକାରୀ କିଶୋର ଚନ୍ଦ୍ର ଦଳେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ତରା ସେବା ସମବାୟ ସମିତିର ସମ୍ପାଦକ ବିକାଶ କୁମାର ନାୟକ,ସଭାପତି ଅଜୟ କୁମାର ସାମଲ ,ଓସଙ୍ଗ ସେବା ସମବାୟ ସମିତିର ସମ୍ପାଦକ କାର୍ତ୍ତୀକ ଚନ୍ଦ୍ର ସାହୁ,ସହସମ୍ପାଦକ ଅକ୍ଷୟ କୁମାର ମହାନ୍ତି,ସଭାପତି ଜଗନ୍ନାଥ ଦାସ,ମାଣିତ୍ରୀ ସମିତି ସମ୍ପାଦକ ଉତ୍ତମ ପାଣିଗ୍ରାହୀ ଓ ସଭାପତି କୈଳାସ ଗଡପଲ୍ଲୀ ମାହପାତ୍ର, ଡୁଙ୍ଗୁରା ଓ ଗୋଳିହା ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ,ଗୋଳିହା ସମିତି ସଭାପତି ରମେଶ ଚନ୍ଦ୍ର ଘଡେଇ,ପଳସା ସମିତି ସମ୍ପାଦକ ରାଜେଶ କୁମାର ପାତ୍ର,ସହ ସମ୍ପାଦକ କମଳାକାନ୍ତ ସାହୁ ଓ ସଭାପତି ହେମନ୍ତ କୁମାର ପୃଷ୍ଟି,ଖଇରା ସମିତିର ସମ୍ପାଦକ ଶ୍ରୀକାନ୍ତ ପଲେଇ ଓ ସହକାରୀ ଉଦୟ ରାଉତ ଓ ସଭାପତି ସୌମ୍ୟରଞ୍ଜନ ନାୟକ,ବର୍ତ୍ତନା ସମିତିର ସମ୍ପାଦକ ଅକ୍ଷୟ କୁମାର ରାଉତ ଓ ସଭାପତି ନିରଞ୍ଜନ ମହାପାତ୍ର,ହରିପୁର ସମିତି ସମ୍ପାଦକ ଶୁଭଦା ଶଙ୍କର ମହାନ୍ତି ଓ ସଭାପତି ଆନନ୍ଦ ଚରଣ ଜେନା, ଗଡପୋଖରୀ ସମିତି ସମ୍ପାଦିକା ଶ୍ରଦ୍ଧାଞ୍ଜଳୀ ବିଶ୍ୱାଳ ଓ ସଭାପତି ପ୍ରଦୀପ ଜେନା ଉପସ୍ଥିତ ଥିଲେ ।

## ବୀମାଭୁକ୍ତ କ୍ଷତିଗ୍ରସ୍ତ ଋଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ

ଭଦ୍ରକ, ୨୭/୧୨ (ନି.ପ୍ର): ସାମ୍ପ୍ରତିକ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଋଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିଲେ କ୍ଷତିପୂରଣ ପାଇବା ପାଇଁ ୨୮.୧୨.୨୦୨୪ ମଧ୍ୟରେ କିଷାନରକ୍ଷକ ଆପ୍‌ରେ ଆବେଦନ କରିବାକୁ ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଫସଲ ବୀମା ଯୋଜନରେ ପଞ୍ଜୀକୃତ ଋଷୀମାନେ ଏହି ସୁଯୋଗର ସୁବିଧା ପାଇବା ପାଇଁ ଯଥାଶୀଘ୍ର ଆପ୍ ଜରିଆରେ ଆବେଦନ କରିପାରିବେ। ଆବେଦନ କରିବାରେ ଅସୁବିଧାର ସମ୍ମୁଖିନ ହେଲେ ନିକଟସ୍ଥ କୃଷି ଅଧିକାରୀମାନଙ୍କ ସହ ଯୋଗଯୋଗ କରିପାରିବେ। ସୂଚନାଯୋଗ୍ୟ କି ଏହି ଆପ୍ ଜରିଆରେ ପ୍ରାପ୍ତ ଆବେଦନ ଅନୁଯାୟୀ କ୍ଷତିଗ୍ରସ୍ତ ଋଷୀଙ୍କ ସମ୍ବନ୍ଧରେ ବ୍ଲକ୍‌ସ୍ତରୀୟ ମନିଟରିଂ କମିଟି ଦ୍ୱାରା ସର୍ଭେ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତ ଋଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ସରକାରଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବ।

## ସର୍ପାଘାତରେ ଯୁବକର ମୃତ୍ୟୁ

ବସ୍ତା, ୨୭/୧୨ (ନି.ପ୍ର): ବସ୍ତା ବ୍ଲକ ଗିଲାଯୋଡି ଗାଁର ଜନୈକ ଯୁବକ ସର୍ପାଘାତ ରେ ପ୍ରାଣ ହରାଇଛି। ଆଜି ଏହି ଗାଁର ମନୋରଞ୍ଜନ ସାହୁ ଙ୍କ ବଡ଼ ପୁଅ ପ୍ରଭୁରାମ (୪୨ବର୍ଷ )ଭୋର ସମୟରେ ପଦାକୁ ଝାଡା ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସାପର ବିଷ ଏତେ ତୀବ୍ର ଓ ବିଷାକ୍ତ ଥିଲା ଯେ ସେ ଘରକୁ ଫେରିବାକୁ ଅଧା ବାଟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲା। ତଥାପି ତାଙ୍କ ପରିବାର ଲୋକେ ତାଙ୍କୁ ବସ୍ତା ଡାକ୍ତରଖାନା ନେଇ ଆସିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିଂଲା ଥାନା ପକ୍ଷରୁ କେଶ ନମ୍ବର ୨୯/୨୪ରେ ଏକ ମାମଲା ରୁଜୁ କରି ମୃତ ପ୍ରଭୁରାମର ଶବ ବ୍ୟବଚ୍ଛେଦ କରାଇଛି। ତେବେ ସେ ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ସ୍ତ୍ରୀ ଓ ଗୋଟିଏ ଝିଅକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି।

# ବାଲେଶ୍ୱର ଓ ମୟୂରଭଞ୍ଜ ସୀମାନ୍ତରେ ବନ୍ଧୁକ କାରଖାନା ଠାବ: ୩ ଅଭିଯୁକ୍ତ କୋର୍ଟ ଚାଲାଣ



ନୀଳଗିରି, ୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡିହା ଅଭୟାରଣ୍ୟରେ ବନବିଭାଗ ତରଫରୁ ଶିକାରୀଙ୍କ ଗତିବିଧି ଅନୁଧାନ ପାଇଁ ଖଞ୍ଜା ହୋଇଥିବା ଟ୍ରାପ କ୍ୟାମେରା ମଧ୍ୟରୁ ୨ଟି କ୍ୟାମେରା ଚୋରି ହେବା ପରେ ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ବନବିଭାଗ ଶିକାରୀ ଧରିବାକୁ ଅଣ୍ଟା ଭିଡ଼ିଥିବା ବେଳେ ଗତ ଗୁରୁବାର ଦିନ ଉଭୟ ଜିଲ୍ଲାର ପୋଲିସ ସହଯୋଗରେ ଜିଲ୍ଲାର ସୀମାନ୍ତ ଅଞ୍ଚଳରୁ ବନ୍ଧୁକ ତିଆରି କାରଖାନା ଠାବ କରି ଚଢ଼ଉ ହେବା ପରେ ୩ ଜଣଙ୍କୁ ଗିରଫ କରାଯାଇଛି।ସେମାନଙ୍କ ଠାରୁ ବ୍ୟାପକ ପରିମାଣର ଗୋଳା ବାରୁଦ, ବନ୍ଧୁକ, ବନ୍ଧୁକ ତିଆରି ସରଞ୍ଜାମ ଓ ୫ଟି ଟ୍ରାପ୍ କ୍ୟାମେରା ଜବତ କରାଯାଇଛି। ସୂଚନା ଅନୁଯାୟୀ କୁଳଡିହା ଅଭୟାରଣ୍ୟ ଅନ୍ତର୍ଗତ ସାଲୁଗଡିଆ ଘଞ୍ଜଙ୍ଗଲ ମଧ୍ୟରେ ବନବିଭାଗ ତରଫରୁ ଖଞ୍ଜା ହୋଇଥିବା ୨ଟି ଟ୍ରାପ କ୍ୟାମେରା ୫/୬ଦିନ ପୂର୍ବରୁ ଚୋରୀ ହୋଇଥିଲା। ଚୋରି ହୋଇଥିବା କ୍ୟାମେରା ଲେନ୍ସରେ ଉତ୍ତୋଳନ ହୋଇଥିବା ଶିକାରୀର ଫୋଟୋକୁ ଆଧାର କରି ଉଭୟ ଜିଲ୍ଲାର ବନବିଭାଗ କପ୍ତିପଦା ଥାନା ଅଧୀନ ତଥା ସୀମାନ୍ତ ଖଡ଼ିଖାଣିଆ ଗାଁର କୁନା ସିଂ(୨୫) ନାମକ ଜଣେ ଶିକାରୀକୁ ଗିରଫ କରିଛନ୍ତି। ତା ଠାରୁ ଗୋଳାବାରୁଦ, ଗୋଟିଏ ଗୁଳିଭର୍ତ୍ତି ଦେଶୀବନ୍ଧୁକ ଏବଂ ଚୋରୀ ହୋଇଥିବା ୨ଟି ଟ୍ରାପ୍ କ୍ୟାମେରା ସହ ପୂର୍ବରୁ ଚୋରି ହୋଇଥିବା ଅନ୍ୟ ୩ଟି କ୍ୟାମେରା ଜବତ କରାଯାଇଛି। ତା ନିକଟରୁ ସମସ୍ତ ତଥ୍ୟ ହାସଲ କରିବାପରେ କପ୍ତିପଦା ପୋଲିସ, କୁଳଡିହା,କପ୍ତିପଦା ଓ ଉଦଳା ବନବିଭାଗ ମାଙ୍କଡ଼ପଡ଼ା ଗାଁରେ ଥିବା ବନ୍ଧୁକ ତିଆରି କାରଖାନା ଉପରେ ମିଳିତ ଚଢ଼ଉ କରାଯାଇଛି। ସେଠାରୁ ଲୁହାରଡ଼, ଷ୍ଟିୟରିଂ ପାଇପ, ହାତୁଡ଼ି, ଚିମୁଟା, ଗୋଳାବାରୁଦ, ଗୁଳି, ମୋବାଇଲ ସହ ବ୍ୟାପକ ବନ୍ଧୁକ ତିଆରି ସରଞ୍ଜାମ ଜବତ କରାଯାଇଥିବାବେଳେ କାରଖାନା ମାଲିକ ରବୀନ୍ଦ୍ର ଲୌହାର ଓ ତା' ଭାଇ ବାପୁନୁ ଲୌହାରକୁ ଗିରଫ କରାଯାଇଛି। ଅଭିଯୁକ୍ତ ଶିକାରୀ କୁନାକୁ ବାଲେଶ୍ୱର ଅଦାଲତକୁ ଚାଲାଣ କରାଯାଇଥିବା ବେଳେ କାରଖାନା ମାଲିକ ଦ୍ୱୟଙ୍କୁ ବାରିପଦା ଅଦାଲତ ଚାଲାଣ କରାଯାଇଛି। ସେହିପରି କପ୍ତିପଦା ଓ ବରହମପୁର ଥାନାରେ ବନବିଭାଗ ପକ୍ଷରୁ ଆର୍ମସ୍ ଆକ୍ଟ ମୂଳେ ଏତଲା ଦାଏର କରାଯାଇଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ୬/୭ ହଜାର ଟଙ୍କାରେ ଦେଶୀବନ୍ଧୁକ ମିଳିଯାଉଥିବାରୁ ଗୋଟିଏ ହରିଣ ମାରିଲେ ୨ଟି ବନ୍ଧୁକ କିଣା ହୋଇପାରିବ। ଏଣୁ ସହଜରେ ଓ ଶସ୍ତାରେ ବନ୍ଧୁକ ମିଳିଯାଉଥିବାରୁ ବନ୍ଧୁକ ଗୁଡିକ ନୀଳଗିରିର ଜଙ୍ଗଲ ପାଦଦେଶ ଅଞ୍ଚଳ ସମେତ ଔପଦା, କପ୍ତିପଦା, ଯଶିପୁର, କରଞ୍ଜିଆ, ଉଦଳା, ଖୁଣ୍ଟା, ବାରିପଦା ପ୍ରଭୃତି ଅଞ୍ଚଳରେ ବିକ୍ରି କରାଯାଉଛି। ତେବେ ଏହି ଘଟଣାରେ ନୀଳଗିରି ବନବିଭାଗ କୁନା ସିଂଙ୍କ ନାମରେ ୪୦କେ ଅଫ୍ କୁଲଡିହା ରେଞ୍ଜରେ କେସ ହୋଇଥିବା ସୂଚନା ମିଳିଛି। ଏଥିସହ ବେଆଇନ୍ ବନ୍ଧୁକ ରଖିବା ପାଇଁ କୁନା ସିଂ ନାମରେ ନୀଳଗିରି ଥାନାରେ ଅନ୍ୟଏକ ଏତଲା ଦିଆଯିବ ବୋଲି ନୀଳଗିରି ରେଞ୍ଜର ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି।

# ୪୫ତମ ବାଣୀପୀଠ ମହୋତ୍ସବର ଦ୍ୱିତୀୟ ଦିବସରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ ମହାସମାରୋହ ପାଳିତ




ବଡ଼ସାହି, ୨୭/୧୨ (ନି.ପ୍ର): ସ୍ଥାନୀୟ କଳା, ସାହିତ୍ୟ,ସଂସ୍କୃତି, ଆଧାତ୍ମିକତା ପ୍ରତି ସମର୍ପିତ ବହୁପରିଚିତ ପ୍ରତିଷ୍ଠାନ ବାଣୀପୀଠରେ ୪୫ତମ ମହୋତ୍ସବ ପାଳନର ଦ୍ୱିତୀୟ ଦିବସରେ ପ୍ରତିଷ୍ଠାନ ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର(ଆବାସିକ)ର ରଜତ ଜୟନ୍ତୀ ମହାସମାରୋହ ବିଶିଷ୍ଟ କବି, ସାମ୍ବାଦିକ, ସ୍ତମ୍ଭକାର ତଥା ସମାଜସେବୀ କବି ବିଷ୍ଣୁ ଶତପଥୀଙ୍କ ପୌରୋହିତରେ ପାଳିତ ହୋଇଯାଇଅଛି।ଏହି କାର୍ଯ୍ୟକ୍ରମରେ ମାନ୍ୟବର ବଡ଼ସାହିର ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ରୂପରେ, ବିଶିଷ୍ଟ ବ୍ୟଙ୍ଗ କବି ଜ୍ଞାନ ହୋତା ମୁଖ୍ୟ ବକ୍ତା ରୂପରେ, ମାନ୍ୟବର ବାରିପଦାର ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ୍ ସ୍ୱତନ୍ତ୍ର ସମ୍ମାନିତ ଅତିଥି ରୂପରେ, ବିଶିଷ୍ଟ କବି ଡକ୍ଟର କବିତା ବାରିକ ଅନ୍ୟତମା ଆଦରଣୀୟା ଅତିଥି ରୂପରେ ଓ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ମଞ୍ଚାସୀନ ଥାଇ ଛାତ୍ର ଛାତ୍ରୀମାନଙ୍କୁ ଜୀବନରେ ମହତଗୁଣସବୁ ଆହରଣ କରି ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ର, ଛାତ୍ରୀ ଓ ଗୁରୁଜୀ, ଗୁରୁମା'ମାନେ ତୋଫାନସାରଙ୍କ ରଚିତ ଓ ସ୍ୱର ସଂଯୋଜିତ ସ୍ୱାଗତ ଓ ରଜତ ଜୟନ୍ତୀ ଗୀତିକାକୁ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଲଳିତ କୁମାର ମହାନ୍ତି ଓ ବଙ୍କିମ କୁମାର ବାରିକ ସଂଯୋଜନା କରିଥିଲେ।ଅନୁଷ୍ଠାନର ସହ ସମ୍ପାଦକ ସମ୍ବିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାତଃ ସମୟରେ ବିଶିଷ୍ଟ କବି ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରଜତ ଜୟନ୍ତୀ ପତାକା ଉତ୍ତୋଳନ କରି ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍ଦୀପନାମୂଳକ ଉଦବୋଧନ ଦେଇଥିଲେ। ପରେ ପରେ ପୂର୍ବରୁ ଚିହ୍ନଟ କରାଯାଇଥିବା ୫୫ ଜଣ ଅସହାୟ ତଥା ଦିବ୍ୟାଙ୍ଗ ବୃଦ୍ଧ, ବୃଦ୍ଧାଙ୍କୁ ଶୀତବସ୍ତ୍ର ରୂପେ କମ୍ବଳ ବିତରଣ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲିଙ୍କ ଦିଗ୍‌ଦର୍ଶନରେ ପରିଚାଳିତ ହୋଇଥିଲା। ଉକ୍ତ ଦିବସରେ ବାଣୀପୀଠ ତରଫରୁ ଡ଼କ୍ଟର କବିତା ବାରିକଙ୍କୁ ବାଣୀପୀଠ ପୁରସ୍କାର ଏକ ଲକ୍ଷ ଟଂକାର ପଲିସି ବଣ୍ଡ ସହିତ ପ୍ରଦାନ କରାଗଲା , ବ୍ୟଙ୍ଗ କବି ଜ୍ଞାନ ହୋତାଙ୍କୁ କବିରତ୍ନ ଉପାଧି ପ୍ରଦାନ କରାଯାଇ ଥିବା ବେଳେ ସର୍ବଶ୍ରେଷ୍ଠ ଗୁରୁଜୀ ସମ୍ମାନ କାର୍ତ୍ତିକ ସେଠୀ ଓ ସର୍ବଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ମାନ ସତ୍ୟଜିତ୍ ପଣ୍ଡା ଓ ସର୍ବଶ୍ରେଷ୍ଠ ବିଦ୍ୟାର୍ଥିନୀ ସମ୍ମାନ ଭାବନା ପ୍ରିୟଦର୍ଶିନୀ ଜେନାଙ୍କୁ ପ୍ରଦାନ କରାଯାଇ ଥିଲା। ସନ୍ଧ୍ୟାରେ ଛାତ୍ର , ଛାତ୍ରୀ, ଗୁରୁଜୀ, ଗୁରୁମା 'ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida